

BEHIND EVERY MARVEL IS
THE MIND OF AN ENGINEER

## MADE IN CENTURION

Take any agricultural innovation. From the smallest of ploughs to those heavy-duty harvesters, there was an engineer behind it. Conceptualising it, designing it and finally making it a reality. They are the visionaries who go to great lengths to make our lives easier and better.

FOR ADMISSIONS, CALL: 82600 77222

LEARN THE WORLD

Centurion UNIVERSITY
www.cutm.ac.in

**B.TECH COURSES :** Aerospace | Mining | CSE (ML & Data Science, Cloud Tech, Cyber Security, AR/VR, Software Tech, Gaming) | Mechanical (Manufacturing - Conventional, CNC and Additive, Automobile, Welding) | Civil (Aerial Survey and Remote Sensing Applications, Construction Planning Monitoring and Project Management, Architectural and Structural Design) | Electrical & Electronics (Industrial Automation, Operation and Maintenance of Electrical Grid System & Transformers) | ECE (Embedded System and Design, Communication Systems, Chip Design and Fabrication using VLSI), Dairy Technology (Food & Dairy Processing) | Agriculture (Smart Machinery, Food Processing, Soil & Vertical Agriculture) | Biotechnology | Phytopharmaceuticals (Nutraceuticals)

**B.SC COURSES :** Paramedics & Allied Health (MLT | MRT | Clinical Microbiology | Emergency Medicine Tech, Operation Theatre Tech | Anesthesia | Physiotherapy | Optometry ) | Forensic Science | Agriculture (Smart Ag, Vertical Ag, Organic Ag, Phytopharma, Food Processing) Fishery Sciences (Aquaculture) | Physics (Laser & New Materials) | Botany (Genetics & Genomics, Nutraceuticals, Smart Ag, Food Processing) | Zoology (Aquaculture)

**OTHER COURSES :** Diploma| BBA | B.Com | MBA (Marketing | HR | Finance | Pharmaceutical Mgmt | Data Analytics | Agri Business Management | Rural & Urban Development Management) M.Sc (Botany | Zoology | MLT | Optometry | Applied &Clinical Microbiology | Forensic Science Cyber Security & Digital Forensic | Geoinformatics Genomics |Nutraceuticals) | M.Sc Ag M.Tech (Data Science | Embedded Systems | Power System & Control Renewable Energy Structural Engineering | Transportation Engineering | Design & Manufacturing) | B.Pharm D.Pharm | M.Pharm (Industrial Pharmacy, Pharmaceutics) | Ph.D

**1742+*** PLACEMENTS
Offers and Still Counting...

**168+** COMPANIES
offered placement and internship

**50+** INDUSTRY DOMAINS

**60+** INDUSTRY & HOSPITAL PARTNERS

*all Campus

CAMPUSES: PARALAKHEMUNDI | BHUBANESWAR | VIZIANAGARAM | BOLANGIR | RAYAGADA



CIN : U01100OR2022PTC040247
ISSN Regd NO : 62789


# ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରା ଲିଃ ପ୍ରସ୍ତୁତ

# କୃଷି ସମାଚାର ପତ୍ର
# (An Agri Newsletter)

(ସନକ୍ଷତ୍ର ବିଶେଷାଙ୍କ)


ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା, ଅପ୍ରେଲ୍-ଜୁନ୍-୨୦୨୩
Vol-1, Issue 1, April-June-2023



**ଉପଦେଷ୍ଟା**
- ଗୌରାଙ୍ଗ ଚନ୍ଦ୍ର ଦାସ
- ଡ଼. ଅରବିନ୍ଦ ଦାସ
- ସୌମ୍ୟଶ୍ରୀ ପାଣିଗ୍ରାହୀ
- ଗୁରୁପ୍ରସାଦ ତ୍ରିପାଠୀ
- ଭୁବନାନନ୍ଦ ଅଧିକାରୀ

**ସମ୍ପାଦନା ମଣ୍ଡଳୀ**
- ପ୍ରଜ୍ଞା ପରମିତା
- ବିଜ୍ଞାନ ମିହିର ରାଉତ
- ଶୁଭଶ୍ରୀ ସାହୁ
- ଜଗଦାନନ୍ଦ ପ୍ରଧାନ

**ମୁଖ୍ୟ ସମ୍ପାଦକ**
ଡ଼ି. ଶୁଭମ୍









Mail : shyamalasubarna@gmail.com
Mob : 9438467079, 7978196834


: Visit us at :
www.shyamalasubarna.com

ମୂଲ୍ୟ-୩୦/- (ତିରିଶି ଟଙ୍କା) ମାତ୍ର

## ‘ଶ୍ୟାମଳ ସୁବର୍ଣ୍ଣ’ ଆଗ୍ରୋ ବିଶେଷାଙ୍କ (କୃଷି ସମାଚାର୍ ପତ୍ର)


| | |
|---|---|
| ମୁଖ୍ୟ ସମ୍ପାଦକ | : ଡି. ଶୁଭମ୍ |
| ମାର୍ଗଦର୍ଶିକା ଓ ପ୍ରେରଣା | : ଶ୍ରୀମତୀ ମନ୍ଦାକିନୀ ଦାସ ଓ ଡି. ସ୍ୱାତୀ |
| ଅକ୍ଷର ସଜ୍ଜା | : ବିଶ୍ୱରଞ୍ଜନ ବାରିକ |
| ମୁଦ୍ରଣ | : ଏସ୍. ଗ୍ରାଫ୍, ବାପୁଜୀନଗର |
| ପ୍ରଚ୍ଛଦ | : ବିଶ୍ୱରଞ୍ଜନ ବାରିକ |
| ଇ-ସଂସ୍କରଣ | : ମହେଶ ଟେକ୍ନୋଲଜି, ଭୁବନେଶ୍ୱର |
| ପ୍ରକାଶନ ସମୟ | : ମଇ ୨୦୨୩ |
| ମୂଲ୍ୟ | : ୩୦/-(ତିରିଶି ଟଙ୍କା ମାତ୍ର) |


## ସୂଚନା

୧. ଏହା ଏକ କୃଷିଭିତ୍ତିକ ତ୍ରୈମାସିକ ସମାଚାର ପତ୍ର

୨. ପ୍ରତି ତିନି ମାସରେ ଯଥା ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ୍, ଜୁଲ୍ଲାଇ-ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

୩. କୃଷି ଭିତ୍ତିକ ଉପାଦେୟ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

୪. ଆବଶ୍ୟକ ଲେଖା ପ୍ରକାଶନ ଉପଯୋଗୀ ହେଲେ ତାହା ନିଶ୍ଚୟ ପତ୍ରିକାରେ ସ୍ଥାନିତ କରାଯିବ । କୃଷି ସମ୍ବନ୍ଧୀୟ ଗବେଷଣାତ୍ମକ ଲେଖାକୁ ଆମେ ଅଧିକ ଗୁରୁତ୍ୱ ଦେଇଥାଉ ।

୫. ଲେଖା ଗୁଡିକ ନିର୍ଭୁଲ ଭାବରେ ଡି.ଟି.ପି କରି ମେଲ୍/ ଠିକଣାରେ ପଠାଇବା ବାଞ୍ଛନୀୟ । ଲେଖକଙ୍କ ପୂର୍ଣ୍ଣ ଠିକଣା, ଫଟୋ ଓ ଫୋନ୍ ନମ୍ବର ରହିବା ଆବଶ୍ୟକ ।

ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ବିଶେଷାଙ୍କର ପ୍ରତ୍ୟେକ ସଂଖ୍ୟା ତଥା କୃଷି ସମ୍ପର୍କିତ ଅଧିକ ଖବର ଜାଣିବା ପାଇଁ ସ୍କାନ୍ କରନ୍ତୁ

ଅନଲାଇନ ଜରିଆରେ ଇ-ପତ୍ରିକା ପଢ଼ିବା ପାଇଁ ଲଗଅନ୍ କରନ୍ତୁ

**www.shyamalasubarna.com**

# ସମ୍ପାଦକୀୟ :



ସମସ୍ତେ ଅନେକ କଥା ଦେଖନ୍ତି , ଅନେକ କଥା ଶିଖନ୍ତି । କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍ । ଚାଷ ବିଷୟରେ କାହାକୁ ବା ଅଜଣା । ସମସ୍ତେ ଚାଷ କଣ , ଚାଷ କେମିତି ହୁଏ ଜାଣିଛନ୍ତି । କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି । ନିଛକ ସତ କଥାଟି ହେଲା ଏସି ରୁମ୍ ଚୟାର ଟେବୁଲ ଛାଡ଼ି ଏ ବିଲ ବାଡ଼ି କାମ କିଏ ବା କରିବ । ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା । ଏ କାଦୁଅ ବିଲକୁ ଆମେ ବା କାହିଁ ଯିବୁ । ଯିଏ ତ କରିବା କଥା କରୁଛି , ଆମେ ବଜାର ଯିବୁ , କିଣିବୁ ଖାଇବୁ । ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି । ଆମେ ନ ମାନିଲେ ବି ଏହା ସତ୍ୟ ।

ମହାବାତ୍ୟା ହେଉ , ହୁଡ଼ହୁଡ଼, ତିତଲି , ଫନି ପରି ବାତ୍ୟାର ବିଭୀଷିକା ହେଉ କି ଚକଡ଼ା ପୋକର ବିପ୍ଳାତ ହେଉ , ଏସବୁଥିରେ ବେଶ ସୁଦୃଢ଼ ମନୋବଳ ସହ ଚାଷୀ ଏହାକୁ ସାମ୍ନା କରିଛି , ମୁକାବିଲା ବି କରିଛି ଆଉ ଅଣ୍ଟା ସଳଖି ଠିଆ ହେଇଛି । ଯେଉଁ ବାତ୍ୟା ଦିନେ ଚାଷ ଜମିକୁ ବିପର୍ଯ୍ୟସ୍ତ କରିଥିଲା , ପୁଣି ସେ କ୍ଷେତରେ ଫରଫର ହେଇ ଧାନ କେଣ୍ଡା ହସିଛି , ପୁଣି ସୋରିଷର ମହମହ ବାସ୍ନା ସାଙ୍ଗକୁ ହଳଦୀର ଆବରଣରେ ପରିବେଶ ବି ମୁଗ୍ଧ ହୋଇଛି । କିନ୍ତୁ ଚାଷୀ କେବେ ବସିନି । ଚାଷୀ ମନଦୁଃଖ କରିଛି , ଅନୁତାପ କରିଛି କିନ୍ତୁ ନିଜ କର୍ତ୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ । ସେ କାଦୁଅ ବିଲରେ ପଶେ କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ ।

କୃଷି ଓ କୃଷକ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ମାଟିର ପରଶ ହେଉ କି ସରସ ଏ ସବୁଥିରେ ଚାଷୀର ଚିହ୍ନ ବେଶ ସ୍ୱଷ୍ଟ ଭାବରେ ବାରି ହୋଇପଡ଼େ । ବନ୍ଧ୍ୟା ଜମିରୁ ସୁବର୍ଣ୍ଣ ଫଳେଇବା ନିଶାରେ ସବୁବେଳେ ମସଗୁଲ ଥାଏ ଚାଷୀ । ହାକିମ କି ବାବୁ ହବାର ନିଶାରେ ସେ ମତୁଆଲା ହୁଏନି ବରଂ ସାରା ବିଶ୍ୱକୁ ଅନ୍ନ ଯୋଗାଇ ନିଜ କର୍ମସିକ୍ତ ଜୀବନର ଉଚିତ୍ ପ୍ରତିପାଦନ କରେ ଚାଷୀ । ମୁଁ ନୁହେଁ ଆମେ , ନିଜ ପାଇଁ ନୁହେଁ ସାମୁହିକ ଜଗତର କଲ୍ୟାଣ ପାଇଁ ସବୁବେଳେ ବ୍ରତୀ ହୋଇଥାଏ ଚାଷୀ । ଏହି ପରିପ୍ରେକ୍ଷୀରେ ଚାଷୀ ଓ ଚାଷର କଥା କହିବାକୁ ଆମେ ୨୦୧୮ରେ ଆରମ୍ଭ କରିଥିଲୁ କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ । ଓଡ଼ିଶାରେ କୃଷି ସମ୍ବନ୍ଧୀୟ ଖବର ହେଉ କି ସରକାରଙ୍କ ଯୋଜନାକୁ ଚାଷୀଙ୍କ ନିକଟରେ ପହଁଚାଇବା ହେଉ ଅଥବା ଚାଷୀଙ୍କ ସମସ୍ୟାର ସମାଧାନ କରାଇବାର ଲକ୍ଷ୍ୟ ନେଇ ଏହାର ଅୟମାରମ୍ଭ ହୋଇଥିଲା । ତେବେ ଅନେକ ପ୍ରଶଂସା , ନିନ୍ଦା, ସମାଲୋଚନା ଏସବୁକୁ ସାଙ୍ଗରେ ନେଇ ଆମେ ପଛେଇ ନଥିଲୁ । ନିଜ ଲକ୍ଷ୍ୟ ପଥରେ ଅବିଚଳିତ ଥିଲୁ । ଅନେକ ଭଲ ଭାବରେ ଗ୍ରହଣ କରେ ଆଉ କିଛି ଭଲକୁ ଭଲ ଭାବରେ ନଦେଖି ତାକୁ ଭେଲ ଭାବରେ ନେଲେ । କମ୍ ବୟସରୁ ଏ ପତ୍ରିକା ଆରମ୍ଭ କରିଥିଲେ ବି ଆମେ ଏଯାବତ୍ ଏହାକୁ ନିରନ୍ତର ପ୍ରକାଶନ କରିଆସିଛୁ । ଆଉ ଏବେ ପତ୍ରିକାରୁ ପ୍ରତିଷ୍ଠାନ ହୋଇଛୁ । ଚାଷୀକୁଳର ଆଶୀର୍ବାଦକୁ ପାଥେୟ କରି ଆଗକୁ ବଢ଼ିଛୁ । ଏଇ ବର୍ଷ ଠାରୁ ଆମ ପ୍ରତିଷ୍ଠାନ ତରଫରୁ ଚାରୋଟି ସଂଖ୍ୟା ଚାଷୀ ମାନଙ୍କ ପାଇଁ ପ୍ରକାଶ ପାଇବ । ଏହା ସହ ପ୍ରତିଥର ପରି ଡ଼ିଜିଟାଲ ରେ ଏହାକୁ ଅଧିକ ନିକଟତର କରାଇବା ପାଇଁ ଏହାର ଅନଲାଇନ କପି ମଧ୍ୟ ଓେବ୍‌ସାଇଟରେ ଉପଲବ୍ଧ ହେବ । ଆଶା ଆଗ ଭଳି ଚାଷୀମାନଙ୍କର ଆମ ପାଇଁ ଭଲପାଇବା ଆଉ ସ୍ନେହ ସଦିଚ୍ଛା ଅତୁଟ ରହିବ । ଚାଷୀର କଥା କହିବୁ , ଚାଷର ଗୀତ ଗାଇବୁ । ଆମ ଚାଷୀ ଆମ ପରିଚୟ ଏହି ସଂକଳ୍ପକୁ ନେଇ ଆଗକୁ ଅନେକ କିଛି କରିବାର ସ୍ୱପ୍ନ ଦେଖିଛୁ । ସର୍ବୋପରି ମୋ ପରିବାର , ସମସ୍ତ ଗୁରୁଜନ , ସାଥୀ ଭାଇ ଭଉଣୀ ଆଉ ଚାଷୀମାନଙ୍କ ପାଖରେ ଏ ସଂଖ୍ୟାକୁ ସମର୍ପିତ କରୁଛୁ । ଆଶା କରୁଛି ପୁଣି ଥରେ ଆପଣ ମାନଙ୍କ ସହଯୋଗ ଆମ ସହ ରହିବ । ଚାଷୀ ହସିଲେ ଦେଶ ହସିବ । ଜୟ କିଷାନ୍ ।

ଡି. ଶୁଭମ୍

ଡ଼ି ଶୁଭମ୍

**SAFAL**
**Simplifying Agricultural Loans For Farmers & Agri-Entrepreneurs**

# ଯୋଜନା ବାକ୍ସ

**ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ ପ୍ରାଲି ଦ୍ୱାରା ପ୍ରସ୍ତୁତ ଏହି ତ୍ରୈମାସିକ ବିଶେଷାଙ୍କରେ ଚାଷୀ ଭାଇ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କର କୃଷକ ମାନଙ୍କ ପାଇଁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯିବ । ଆମ ରାଜ୍ୟ ସରକାର ସବୁବେଳେ କୃଷି ଓ କୃଷକର ବିକାଶ ପାଇଁ କାର୍ଯ୍ୟ କରି ଆସୁଛନ୍ତି । ତେବେ ଏସବୁ ଲୋକାଭିମୁଖୀ ଯୋଜନା କିପରି ଚାଷୀ ମାନେ ଲାଭ ପାଇପାରିବେ, ଏହା ସବିଶେଷରେ ଚାଷୀମାନଙ୍କୁ ଜଣାଇଦେବା ଆମର ଲକ୍ଷ୍ୟ । କୃଷି ବିଜ୍ଞାନର ଛାତ୍ର ଭାବରେ ଆମେ ଚେଷ୍ଟା କରିବୁ କୃଷକ ମାନଙ୍କ ପାଇଁ କରାଯାଉଥିବା ଯୋଜନାର ଲାଭାର୍ଥି ଉପଯୁକ୍ତ କୃଷକ ଟିଏ ହେଉ । ଏହି ପରିପ୍ରେକ୍ଷୀରେ ଆମର ସ୍ୱତନ୍ତ୍ର ଉପସ୍ଥାପନା..**

## ସଫଳ –

କୃଷି ଓ କୃଷକ ସଶକ୍ତିକରଣ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ଚାଷୀ ମାନଙ୍କ ହିତ୍ୟାର୍ଥେ ଆରମ୍ଭ ହୋଇଛି ଏକ ଯୁଗାନ୍ତକାରୀ ଯୋଜନା – ସଫଳ । ଆମ ରାଜ୍ୟର ଚାଷୀ ମାନଙ୍କ ପାଇଁ ଏକ ସହଜ ତଥା ସୁବିଧାଜନକ ଯୋଜନା ଭାବରେ ସଫଳ ବେଶ ସଫଳତା ଆଣିଲାଣି । ଗୋଟିଏ ବାକ୍ୟରେ କହିବାକୁ ଗଲେ ସାରା ଦେଶରେ ଏହା ପ୍ରଥମ କୃଷି ଓ କୃଷି ଉଦ୍ୟୋଗ ପାଇଁ ଋଣ ଆବେଦନ କରିବାର ଏକ ସରଳ ପୋର୍ଟାଲ । ସବୁଠାରୁ ବଡ଼ କଥା ପାଖାପାଖି ୪୦ରୁ ଅଧିକ ବ୍ୟାଙ୍କ ଏହି ଯୋଜନା ସହ ଅନୁବନ୍ଧିତ ହୋଇ ରହିଛନ୍ତି । ଏହି ପୋର୍ଟାଲ ଋଣ ଆବେଦନ କରିବା ତଥା ଏହାର ଯାଂଚ ସୁବିଧା ସହ ୩୦୦ରୁ ଅଧିକ ଋଣ ଆବେଦନ ପାଇଁ ସୁଯୋଗ ରହିଛି ।

## ଗୋ – ସୁଗମ –

ବର୍ତ୍ତମାନ ସମୟରେ କୃଷି ଉଦ୍ୟୋ ଚାଷୀ ତଥା ଯୁବକ ମାନଙ୍କ ପାଇଁ ଏକ ନୂଆ ସମ୍ଭାବନା । ଓଡ଼ିଶାର ଅନେକ ଚାଷୀ କୁହନ୍ତୁ ଅବା ଗାଁ ମାନଙ୍କରେ ଶିକ୍ଷିତ ଯୁବକ ଅବା ସାଧାରଣ ଜନତାଟେ ଏବେ କୃଷି ଉଦ୍ୟୋଗ ଆରମ୍ଭ କରି ନିଜର ଏକ ସ୍ୱତନତ୍ର ପରିଚୟ ସୃଷ୍ଟି କଲେଣି । ଏସବୁକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ଗୋ ସୁଗମ ନାମରେ ଏକ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । କୃଷି ଉଦ୍ୟୋଗୀ ମାନଙ୍କ ପାଇଁ ଏହା ଏକକ ୱିଣ୍ଡୋ ପୋର୍ଟାଲ । କୃଷି ଓ ଆରନୁଷଙ୍ଗିକ କ୍ଷେତ୍ରମାନଙ୍କରେ ପାଖାପାଖି ୩୫ଟି ରୁ ଅଧିକ ଯୋଜନା ରହିଛି । ଏତଦବ୍ୟତୀତ ଏହାକୁ ସହଜ ତଥା ସୁବିଧା କରିବା ପାଇଁ ତଥା ସ୍ୱଚ୍ଛତାକୁ ଲକ୍ଷ୍ୟ କରି ହିତାଧିକାରୀଙ୍କ ସ୍ଥିତି ସମ୍ବନ୍ଧରେ ସୂଚନା ମିଳିପାରିବାର ସୁବିଧା ରହିଛି । -

## କୃଷକ ଓଡ଼ିଶା –

ଓଡ଼ିଶର ଚାଷୀ ଆମ ଅର୍ଥନୀତିର ଭବିଷ୍ୟତ । ତେଣୁ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । କୃଷକ ଓଡ଼ିଶା ମାଧ୍ୟମରେ ଚାଷୀ ମାନେ ଫୋନ ଦ୍ୱାରା ଉପଯୁକ୍ତ ଚାଷ ତଥା ଆନୁଷଙ୍ଗିକ କ୍ଷେତ୍ରରେ ପରାମର୍ଶ ପାଇପାରୁଛନ୍ତି । କୃଷି ଭିତ୍ତି ନାନାଦି ସରକାରୀ ସେବା ଓ ସାହାଯ୍ୟ ସମ୍ପର୍କରେ ଅବଗତ ହେବା ସହ ଏହାର କାଯ୍ୟକାରୀ ଦିଗରେ ସଚେତନ ହୋଇପାରୁଛନ୍ତି । ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ସହଜ ଓ ସୁବିଧାରେ ଋଣ ସହାୟତା ପାଇପାରୁଛନ୍ତି ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା –

ରାଜ୍ୟର କୃଷି ଉଦ୍ୟୋଗ ପାଇଁ ରାଜ୍ୟ ସରକାରଙ୍କ ସର୍ବୋତ୍କୃଷ୍ଟ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା । ଚାଷୀ ଭାଇ ମାନେ ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ପାଇଁ ଏହି ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରି ଋଣ ପାଇପାରିବେ ।

## ଆମ କୃଷି –

ରାଜ୍ୟ ସରକାରଙ୍କ ଚାଷୀ ମାନଙ୍କ ପାଇଁ ଏକ ସବୁିଧାଜନକ ଯୋଜନା ହେଉଛି ଆମ କୃଷି । ଆମ କୃଷି ର ହେଲ୍ପ ଲାଇନ ନମ୍ବର – ୧୫୫୩୩୩ । କୃଷକ ଓଡ଼ିଶା ପୋର୍ଟାଲରେ ପଂଜିକରଣ ସହିତ ନିଜର ଜମି ସମ୍ବନ୍ଧୀୟ ବଭିନ୍ନ ତଥ୍ୟ ସହ କୃଷି , ପରିବା , ଫୁଲ , ଫଳ ,ମତ୍ସ୍ୟ ଚାଷ ସହ ପ୍ରାଣୀଧନ ପାଳନର ପରାମର୍ଶ ଗବେଷକ ମାନଙ୍କ ଠାରୁ ପାଇପାରୁଛନ୍ତି ।



# ଆଦିବାସୀ ଅଂଚଳର କୃଷି ନୀତି ବ୍ୟବସ୍ଥା




## ଅଚ୍ୟୁତ ଦାସ

ନିର୍ଦ୍ଦେଶକ,
ଅଗ୍ରଗାମୀ, କାଶୀପୁର, ଜିଲ୍ଲା: ରାୟଗଡ଼ା
ମୋବାଇଲ୍ ନଂ: ୯୪୩୭୦୭୩୫୮୮


ଆଦିବାସୀ ଅଧ୍ୟୁଷିତ ଇଲାକାରେ ଅଗ୍ରଗାମୀ ତରଫରୁ କାମ କଲାବେଳେ ଆମେ ଆଦିବାସୀ ପରିବେଶର ଏକ ଉପାଦାନ ଭାବେ ଆଦିବାସୀ କୃଷିର ବିଷୟବସ୍ତୁ ଏବଂ ପରିସର ଉପରେ ଆଲୋଚ଼ନା କରୁଥିଲୁ । ତା'ଉପରେ ଆମର ଗବେଷଣା ଏବଂ ଚ଼ର୍ଚ୍ଚା ମଧ୍ୟ ଜାରି ରଖିଥିଲୁ । ଇତିମଧ୍ୟରେ ଏହା କିଭଳି ବିଭିନ୍ନ ପର୍ଯ୍ୟାୟର ପରିବର୍ତ୍ତନ ଦେଇ ଗତି କରିଛି ସେ ବିଷୟରେ ଆମେ ଏକ ଐତିହାସିକ ଟିପ୍ପଣୀ ଦେବା ଆବଶ୍ୟକ । ଏହି ଚ଼ର୍ଚ୍ଚାରେ ଅନେକ ଗୁଡ଼ିଏ ବିଷୟ ରହିବ: ଯଥା ୧) ପୋଡୁଚ଼ାଷ, ୨)ଆଗ୍ରୋଫରେଷ୍ଟ୍ରି ଏବଂ ଗଡ଼ାଣିଆ ଚ଼ାଷଜମି ଟେକ୍ନୋଲୋଜି, ୩) ଜଳଛାୟା ବିକାଶ, ୪)ବୃକ୍ଷରୋପଣ, ୫) ଆତ୍ମନିର୍ଭରଶୀଳ କୃଷି ବନାମ୍ ବଜାରଭିତିକ କୃଷି, ୬)ଖାଦ୍ୟ, ପୁଷ୍ଟି ଏବଂ ଜୀବିକା ସୁରକ୍ଷା ପାଇଁ କୃଷି, ୭)କୃଷିପରିବେଶ ଏବଂ ଆତ୍ମନିର୍ଭରଶୀଳ କୃଷି ।୧୯୮୦ ମସିହାରେ କାଶୀପୁରରେ ରାସାୟନିକ ସାର ଏବଂ କୀଟନାଶକ ବିଷର ବ୍ୟବହାର ପ୍ରାୟତଃ ନଥିଲା । ଇୟୁକାଲିପଟାସ୍, ଜାଟ୍ରୋଫା, କପା ଆଦି ବ୍ୟବସାୟୀକ ଚ଼ାଷ ହେଉ ନଥିଲା ବା ଏହାକୁ କେହି ଉତ୍ସାହିତ କରୁନଥିଲେ ।

ଅଧିକାଂଶ ଆଦିବାସୀ ସେମାନଙ୍କ ପାରମ୍ପରିକ କୃଷି ବ୍ୟବସ୍ଥା ଏବଂ କୃଷି ପରିବେଶକୁ ନେଇ ଖୁସୀ ଥିଲେ ।ଯେହେତୁ ଏହି ଇଲାକାର କୃଷି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା-ଆଧାରିତ ଥିଲା ସବୁଜ ବିପ୍ଳବର ଏଠାରେ କୌଣସି ପ୍ରଭାବ ନଥଲା । ଯଦି କିଛି ଆଦିବାସୀ ଗାଁରେ କୌଣସି ଜଳସେଚ଼ନର ସୁବିଧା ଉପଲବ୍ଧ ଥିଲା ସେଠାରେ ଆଦିବାସୀ ମାନେ ଦେଶୀ ମକା ଏବଂ କିଛି କିଛି ଗ୍ରୀଷ୍ମକାଳୀନ ପନିପରିବା ଚ଼ାଷ କରୁଥିଲେ । କାଶୀପୁରର ବାହାର ବଜାର ସହ ପ୍ରାୟ ସଂପର୍କ ନଥିଲା ଏବଂ ତଥାକଥିତ ଆଧୁନିକ କୃଷି ଉପରେ ଲୋକଙ୍କର କୌଣସି ଜ୍ଞାନ ନଥିଲା ।



ମୁଁ ବିଭିନ୍ନ ପ୍ରକାରର ଆଦିବାସୀ କୃଷି ପରିଚାଳନା ପଦ୍ଧତିର ଇତିହାସ ସଂଗ୍ରହ କରିବାକୁ ଚେଷ୍ଟା କରୁଥିଲି । ଜଣାପଡ଼େ ଯେ ସେଠାରେ ବର୍ଷାଦିନିଆ ଆଳୁଚାଷ ପାଇଁ ପ୍ରୟାସ ହୋଇଥିଲା ଏବଂ ଏଥିପାଇଁ ସେଇ ଅଂଚଳର ଜମି ବେଶ୍ ଅନୁକୂଳ ଥିଲା । ଆଦିବାସୀ ମାନଙ୍କ କହିବା ଅନୁସାରେ ବର୍ଷାଦିନିଆ ଆଳୁଚାଷରୁ ସେମାନେ ଖୁବ୍ ଅମଳ ପାଇଥିଲେ । କିନ୍ତୁ, ସେଠାରେ କୌଣସି ବଜାର କି ଶୀତଳଭଣ୍ଡାର ବ୍ୟବସ୍ଥା ନଥିଲା । ଚାରିଆଡ଼େ ଆଳୁ ସବୁ ପଚିସଡ଼ି ଗଲା । କାଶୀପୁର କାନ୍ଦୁଲ ଚାଷ ପାଇଁ ମଧ୍ୟ ବେଶ୍ ପ୍ରସିଦ୍ଧ ଥିଲା । ଏହା ଦେଶୀ ପ୍ରଜାତିର ହରଡ଼ ଡ଼ାଲି ଫସଲ ଅଟେ । ପୂର୍ବରୁ ଢ଼ଙ୍ଗର ରାଣୀ/କଟିଂ (ରାଇସ୍ ବିନ୍ସ) ଫସଲ ଚାଷ ଚାରିଆଡ଼େ ହେଉଥିଲା । କିନ୍ତୁ, ସବୁତକ ସାହୁକାର ଏବଂ ମହାଜନ ମାନଙ୍କ ପାଖରେ ଆଦିବାସୀ ମାନେ ବିକ୍ରୟ କରିଦେଉଥିଲେ ।

ପ୍ରାୟତଃ ସବୁ ଢ଼ଙ୍ଗର ଅର୍ଥକାରୀ ଅଳସି (ନାଇଜର୍) ଫସଲ ଚାଷରେ ଭର୍ତି ହୋଇଯାଇ ପର୍ବତ, ଢ଼ଙ୍ଗର ମାନ ହଳଦିଆ ଦିଶୁଥିଲା । ଏତେ ବ୍ୟାପକ ପରିମାଣର ଅଳସି ଉତ୍ପାଦନ ହୋଇ ମଧ୍ୟ ଶେଷରେ ଅଭାବୀ ବିକ୍ରିରେ ସାହୁକାର ଓ ମହାଜନ ମାନଙ୍କ ହାତରେଯାଇ ପଡୁଥିଲା । କେତେକ ଗାଁରେ ଚାଷୀମାନେ ସୀମିତ ପରିମାଣରେ ବାସନା ଧାନ ଯଥା ତୁଳସୀବସା, କଳାଜୀରା (ସ୍ଥାନୀୟ ପ୍ରଜାତି) ଆଦି ଉତ୍ପାଦନ କରୁଥିଲେ । ଅନେକ ଆଦିବାସୀ ବିଭିନ୍ନ ପ୍ରକାରର ମାଣ୍ଡିଆଜାତୀୟ ଫସଲ ଯଥା ମାଣ୍ଡିଆ, କୋଶଳା, କାଙ୍ଗୁ, ଜହ୍ନା, ବାଜରା ଆଦି ଚାଷ କରୁଥିଲେ ଯେହେତୁ ଏହା ସେମାନଙ୍କ ମୁଖ୍ୟ ଆହାର ଥିଲା । ବିଭିନ୍ନ ପ୍ରକାରର ଆମ୍ବ ଏବଂ ପଣସ ପାଇଁ ମଧ୍ୟ କାଶୀପୁରର ଚାରିଆଡ଼େ ଖ୍ୟାତି ଥିଲା । ଏତେସବୁ ଫସଲ ଉତ୍ପାଦନ ସତ୍ୱେ ସେଠାରେ ଉତ୍କଟ ଖାଦ୍ୟାଭାବ ଏବଂ ଚାରିଆଡ଼େ ଅନାହାର ପରିସ୍ଥିତି ଲାଗି ରହିଥିଲା । କାଶୀପୁରର ଆଦିବାସୀ ମାନଙ୍କ ଇତିହାସରୁ ଜଣାପଡ଼େ ଯେ ସେମାନେ ଖାଦ୍ୟାଭାବ ବେଳେ ଆମ୍ବଟାକୁଆ ଏବଂ ତେନ୍ତୁଳି ମଞ୍ଜି ଖାଇ ବଂଚୁଥିଲେ । ଏହି ଭୟଙ୍କର ଅନାହାର ପରିସ୍ଥିତିର କାରଣ ଥିଲା ସାହୁକାର ମାନଙ୍କ କାରବାର ଏବଂ ବଜାର ଦ୍ୱାରା ପରିଚାଳିତ ଅର୍ଥନୀତି ।

ଗତ ୪୦ ବର୍ଷ ମଧ୍ୟରେ ଆଦିବାସୀ କୃଷିରେ କିଛିଟା ନାଟକୀୟ ଢ଼ଙ୍ଗରେ ପରିବର୍ତନ ଘଟିଛି । କାନ୍ଦୁଲ ଏବଂକଟିଂ(ରାଇସ୍ ବିନ୍ସ), ଅଳସୀ, ବାସନା ଧାନ/ଡ଼ିପଜମି ଧାନ ଇତ୍ୟାଦି ଫସଲ ଚାଷ ସାଂଘାତିକ ଭାବରେ କମିଯାଇଛି । ଯେହେତୁ ଢ଼ଙ୍ଗର ପର୍ବତ ମାନ ଥୁଂଟା ହୋଇପଡ଼ିଛି ଏବଂ ଜମିର ଉର୍ବରତା ହ୍ରାସ ପାଇଛି ପୋଡୁଚାଷର ହାର କମିଯାଇଛି । ଅଧିକରୁ ଅଧିକ ଆଦିବାସୀ ଚାଷୀମାନେ କୃଷି ଉପରେ ସେମାନଙ୍କ ଆଗ୍ରହ ହରାଇ ବସୁଛନ୍ତି । ଗାଁର ଆଦିବାସୀ ଯୁବକ ମାନେ କୃଷିକାର୍ଯ୍ୟ ବଦଳରେ ଦାଦନ ଖଟିବାକୁ

ବାହାରକୁ ଯାଉଛନ୍ତି । ଅନେକ ପରିମାଣର ଚାଷଜମି ମଧ୍ୟ ଇୟୁକାଲିପଟାସ୍ ବୃକ୍ଷ ରୋପଣରେ ରୂପାନ୍ତରିତ ହୋଇସାରିଛି । କାଶୀପୁରରେ ଆମ୍ବ ଏବଂ କାଜୁ ବୃକ୍ଷରୋପଣ ବ୍ୟାପକ ମାତ୍ରାରେ କରାଯାଇଛି ।

ନିକଟ ଅତୀତରେ ଆଦିବାସୀ ଚାଷୀମାନଙ୍କୁ ସେମାନେ କରୁଥିବା ଯେକୌଣସି ଫସଲ ଚାଷରେ ରାସାୟନିକ ସାର ଏବଂ କୀଟନାଶକ ବିଷ ବ୍ୟାପକ ଭାବେ ବ୍ୟବହାର କରିବାକୁ କୁହାଯାଇଛି ।ସବୁଜ ବିପ୍ଳବର ସଫଳତା ପ୍ରଦର୍ଶନ କରିବାକୁ ଯାଇ ସରକାରୀ କୃଷି ବିଭାଗ କର୍ମକର୍ତାମାନେ ବିଭିନ୍ନ ପ୍ରୋଗ୍ରାମ୍ ଜରିଆରେ ଅଧିକ ଅମଳ ପାଇବାକୁ ଆଦିବାସୀ । ଚାଷୀମାନଙ୍କୁ ଅଧିକରୁ ଅଧିକ ମାତ୍ରାରେ ରାସାୟନିକ ସାର, କୀଟନାଶକ ଔଷଧ ଏବଂ ବେଶୀ ଅମଳକ୍ଷମ ହାଇବ୍ରିଡ଼ ବା ଶଙ୍କର ଜାତୀୟ ବିହନ ବ୍ୟବହାର କରିବାକୁ ଉତ୍ସାହିତ କରିଛନ୍ତି । ଜାଣତରେ ହେଉ କି ଅଜାଣତରେ ହେଉ, ଆଦିବାସୀ ଚାଷୀ କିପରି ଏହାର ଶିକାର ହୋଇଛି ତାହାର ସାମାଜିକ-ଅର୍ଥନୈତିକ ଏବଂ ପରିବେଶଭିତିକ ଉପଯୋଗୀ ଅନୁଧ୍ୟାନ ହୋଇପାରନ୍ତା । କୃଷି ଓ ପରିବେଶ ବଦଳି ଯିବା ପରେ ଖାଦ୍ୟ, ପୁଷ୍ଟି ଏବଂ ଜୀବିକା ସୁରକ୍ଷା ସମସ୍ୟା ଆଦିବାସୀ ମାନଙ୍କ ପାଇଁ ବେଶ୍ ଚିନ୍ତାର କାରଣ ହୋଇଛି । ପୂର୍ବରୁ ଆଦିବାସୀ ମାନଙ୍କ ଜୈବିକ କୃଷି ପରିଚାଳନାପଦ୍ଧତିସମ୍ପୂର୍ଣ୍ଣଭାବେ ଏକ ସୁବ୍ୟବସ୍ଥିତ ଏବଂ ଆତ୍ମନିର୍ଭରଶୀଳ ଢ଼ଙ୍ଗରେ ଚାଲିଥିଲା । ଏବେ କିନ୍ତୁ ତାହା ବ୍ୟାହତ ହୋଇଛି ।

ସେ ଯାହାହେଉ, ବର୍ତମାନର କୃଷି ପରିଚାଳନା ଉପରେ ଅଳ୍ପ କେତୋଟି ସମସ୍ୟା ବିଷୟରେ ଆଦିବାସୀ ଚାଷୀଙ୍କୁ ସଚେତନ କରିବାକୁ ଏକ ସୁନିର୍ଦ୍ଦିଷ୍ଟ ପ୍ରଚେଷ୍ଟା ହେବା ଆବଶ୍ୟକ ଯଥା: ୧) ଖାଦ୍ୟ ଏବଂ କୃଷି ପରିଚାଳନା ନୀତି, ୨) ନିରାପଦ ଏବଂ ପୁଷ୍ଟିକର ଖାଦ୍ୟ, ୩) କ୍ଷୁଦ୍ରଚାଷୀ ମାନଙ୍କ ଆତ୍ମନିର୍ଭରଶୀଳ ଜୀବିକା, ୪) ଜମି ଉର୍ବରତା ହାର, ୫) ଦେଶୀ ବିହନ ଏବଂ ଜୈବ-ବିବିଧତା ସଂରକ୍ଷଣ, ୬) ପରିବେଶଭିତିକ କୃଷି ପରିଚାଳନା, ୭) ପ୍ରାକୃତିକ କୃଷି ଏବଂ ସର୍ବ ।ପରି ଜଳବାୟୁ ପରିବର୍ତନର ପ୍ରଭାବ ।କାଶୀପୁର ଏବଂ ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଂଚଳରେ ମୁଁ ବର୍ତମାନ ଏକ ଆଶାର ଆଲୋକ ଦେଖୁଛି । ବିଶେଷଭାବେ ସ୍ୱାସ୍ଥ୍ୟକର ଓ ଅନେକ ପୁଷ୍ଟିଯୁକ୍ତ ମାଣ୍ଡିଆଜାତୀୟ ଫସଲ ଚାଷର ପୁନଃରଦ୍ଧାର ନିମନ୍ତେ ଓଡ଼ିଶା ମିଲେଟ୍ ମିଶନ୍ ପ୍ରକଳ୍ପ ଜରିଆରେ ଏବଂ ପରମ୍ପରାଗତ କୃଷି ବିକାଶ ଯୋଜନା (ପିକେଭିଓ୍ୱାଇ) ଓ ଭାରତୀୟ ପ୍ରାକୃତିକ କୃଷି ପଦ୍ଧତି (ବିପିକେପି) ଭଳି ପାରମ୍ପରିକ ପ୍ରକଳ୍ପ କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟମ କରାଯାଉଛି । ସେମାନଙ୍କର ପାରମ୍ପାରିକ କୃଷି ବ୍ୟବସ୍ଥା ଏବଂ ପରିବେଶଭିତିକ କୃଷି ପରିଚାଳନା ପଦ୍ଧତି ଗୁଡ଼ିକୁ କେମିତି ସୁବ୍ୟବସ୍ଥିତ ଢ଼ଙ୍ଗରେ ପୁନଃକାର୍ଯ୍ୟକାରୀ କରାଯିବ ସେଥିନେଇ ଚାଷୀମାନଙ୍କ ସହ ଏକ ସହଭାଗୀ ଆଲୋଚନା ଏବଂ ସହାୟତା ପ୍ରକ୍ରିୟା ଆରମ୍ଭ ହୋଇଛି ।

ବର୍ତମାନର ଘଡ଼ିସନ୍ଧି ମୁହୂର୍ତରେ ରାସାୟନିକ କୃଷି ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ପ୍ରାକୃତିକ ତଥା ପରିବେଶଭିତିକ କୃଷି ପରିଚାଳନା କରିବା ସେତେ ସହଜସାଧ୍ୟ ନୁହେଁ ।ଏହା ଅନେକ ସମସ୍ୟାକୁ ଆମନ୍ତ୍ରଣ କରିବ ଯେପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପ୍ରାକୃତିକ କୃଷି ତଥା ପରିବେଶଭିତିକ କୃଷିନୀତିର ମହତ୍ୱକୁ ବାସ୍ତବରେ ସମ୍ପୂର୍ଣ୍ଣ ଭାବେ ଅନ୍ତଃକରଣ ଏବଂ ହୃଦବୋଧ କରାନଯାଇଛି ।ଏଥିପାଇଁ କେତୋଟି ସୁଚିନ୍ତିତ ପଦକ୍ଷେପ ନେବାକୁ ହେବ । ପ୍ରଥମେ, ସୁନିଶ୍ଚିତ କରିବାକୁ ହେବ ଯେ ଆଦିବାସୀ ପାଖରେ ଜମିର ମାଲିକାନା ଅଛି । ଅନ୍ତତଃ ପକ୍ଷେ, ପ୍ରତ୍ୟେକ ଆଦିବାସୀ ପରିବାରର ଏକ ଏକର କୃଷିଯୋଗ୍ୟ ପଟ୍ଟାଜମିର ଅଧିକାରୀ ହେବା ଆବଶ୍ୟକ । ଦ୍ୱିତୀୟରେ, ଆଦିବାସୀ ଅଂଚଳରେ ମାଟିର ଯେଉଁଭଳି ଅବକ୍ଷୟ ହୋଇଛି ତାହାର ପୁନଃରଦ୍ଧାର ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଏହା ସହିତ ରାସାୟନିକ ସାର, କୀଟନାଶକ ଔଷଧର ପ୍ରୟୋଗ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବାର ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି । ତୃତୀୟରେ, ଜମି, ଜଳ ଓ ଜଙ୍ଗଲର ସଦୁପଯୋଗ ପାଇଁ କୃଷିଭିତିକ ଜଙ୍ଗଲ ସୃଷ୍ଟି କରାଯିବାକୁ ଏକ ଦୀର୍ଘମିଆଦି ପ୍ରଣୟନ କରାଯିବାର ପ୍ରୟାସ ରହିଛି । ସର୍ବଶେଷରେ, ଆଦିବାସୀ ଅଂଚଳରୁ ଉତ୍ପାଦିତ ହେଉଥିବା ଜୈବିକ କୃଷିଜାତ ଦ୍ରବ୍ୟରଉଚିତ ଦର ନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତି ଦେବା ଜରୁରୀ ହୋଇପଡ଼ିଛି ।

ଆମ ସମସ୍ତଙ୍କର ଗୋଟିଏ ଆଶା ରହିଛି । ଆଗାମୀ କିଛି ବର୍ଷ ମଧ୍ୟରେ ଏଥିପାଇଁ ଆବଶ୍ୟକ କିଛି ଠୋସ୍ ଲୋକାଭିମୁଖୀ କୃଷିନୀତି ଏବଂ କାର୍ଯ୍ୟକ୍ରମକୁ ଆପଣାର କରି ଯଦି ସରକାରୀ କୃଷି ବିଭାଗ ସହିତ ସମସ୍ତ ହିତାଧିକାରୀ ବର୍ଗ ଏକଜୁଟ୍ ହୋଇ ଉଦ୍ୟମ ନକରନ୍ତି ତାହେଲେ ଏଥିରୁ ସେଭଳି କୌଣସି ବାସ୍ତବ ସୁଫଳତା ମିଳିବ ନାହିଁ । ଅଗ୍ରଗାମୀ ମଧ୍ୟ ପରିବେଶ ଭିତିକ ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ଆଦିବାସୀ ଗାଁମାନଙ୍କରେ କାର୍ଯ୍ୟକାରୀ କରି ଏ ଦିଗରେ କିଛି କିଛି ସଫଳତା ହାସଲ କରିଛି । ତଥାପି, ଆମକୁ ଆହୁରି ଆଗକୁ ଯିବାକୁ ହେବ ।



# ମାଟି , କୃଷି ଓ ଚାଷୀ



## ଡି ଶୁଭମ୍

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି । ଏକ ନିରୀହ ଚାହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ । ସେଇଥି ପାଇଁ ତ ସେ ମହାନ । ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍‌ରେ ରଖିଥାନ୍ତି । ଏକଥା ସତ । କିନ୍ତୁ ସେସବୁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ ।

ତିନି ବର୍ଷ ତଳେ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି , କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ । ଚାରି ବର୍ଷର ପାଠପଢ଼ାକୁ ମୁଁ ସମାନଙ୍କୁ କହିବାକୁ ଯାଉଛି , ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି । ସେଇଥି ଘର , ସେଇଠି ସ୍ୱର୍ଗ । ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ । କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍ ଆଉ ଆଳାପ ବେଶୀ ହେଲା । ଅର୍ଥାତ ଏଇ ଚାରି ଘଣ୍ଟା ର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ । ସେ ମୁହୂର୍ତ୍ତ ସତରେ ସ୍ମରଣୀୟ । ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ?

ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି । ଆଉ ମୁଁ ତ ଏହାର ଭୁକ୍ତଭୋଗୀ । ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ । ପୁଅ ଚାଷ କରିବ ବଡ଼ ହୋଇ , ଆମ ବିଲ ଖାଲି ଅଛି ଆସିବୁ ପାଠ ପଢ଼ି । ଏମିତି ଅନେକ । ସେତେବେଳେ ତ କିଛି ବୁଝିପାରି ନଥିଲି । କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପ ? ଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି । ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ

ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ । ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି । ସେ ଯାହା ବି ହେଉ ଏବେ ମୋର ଚାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି । ଅନେକ କିଛି ଶିଖିଛି । ଅନେକ ଚାଷୀଙ୍କ ସହ ମିଶିଛି । ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି । ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି । ଯେତେବେଳେ ଚାଷୀଙ୍କ ସହ ମିଶିବାର ସୁଯୋଗ ମିଳେ , ସେମାନେ ନିଜ ଚାଷବାସର କଥାକୁ ବେଶ ନିଖୁଣ ଭାବେ କହିଚାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ । ମନେ ମନେ ଭାବିଲି, ଆମେ ଶୁଣିବି ନଥିବେ ବଡ଼ ଚାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ । ନା ପ୍ୟାକେଜ , ନା ହାକିମ ହେବାର ଇଚ୍ଛା । ସବୁକିଛି ଏମାନଙ୍କ ଆଗରେ ତୁଚ୍ଛ । ବାସ ଚାଷ ଜମିରେ କେଇ ଘଣ୍ଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ । କିନ୍ତୁ ଯଦି ଚାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ । ମାଟି କୃଷିର ଏକ୍ତିଆରିଶାଳ । ମୁଦ୍ରାର ଦୁଇପାର୍ଶ୍ୱ ପରି ଉଭୟେ ଅଙ୍ଗାଅଙ୍ଗୀ ଭାବେ ଜଡିତ । ଜଣକ ବିନା ଅନ୍ୟଟି ନିରୁପାୟ । ମାଟି ଉପରେ ହିଁ ଚାଷ କରେ କୃଷକ । ବିପିତ ବିହନ ଗଜାମେଲେ, କର୍ଷଣରେ ଭରିଦିଏ କୃଷକ । ସବୁର ଆଧାର ମାଟି । ନିଜର ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ମଣିଷ କ'ଣ ବା ନକରୁଛି ? ମାଟି ବୋଲି ଗୋଟିଏ ଶବ୍ଦ ଅଛି ବୋଲି ବି ଆଜି ସେ ଭୁଲିଯାଇଛି । ଜୀବନରେ ସଂଜ୍ଞା ବଦଳିଛି ସତ ଆଉ ତାଭିତରେ ମାଟିର ସଂଜ୍ଞା ଆଜି ଅସ୍ଥିର ପ୍ରାୟ ।

କୃଷି କାର୍ଯ୍ୟ ଆଜି ଅମଳ ବା ଉତ୍ପାଦନ ପାଇଁ କରାଯାଉଛି । ଜମିରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାରର ପ୍ରଭାବ ମାଟି/ମୃତ୍ତିକାକୁ କ୍ଷୟ କରୁଛି । ଏହା ସମସ୍ତେ ଜାଣିବି ଏହାକୁ ପ୍ରୟୋଗ କରିବାରେ ଅବହେଳା କରୁନାହାନ୍ତି । ପିଲାଦିନରୁ ମୃତ୍ତିକା କ୍ଷୟ ବିଷୟରେ ପଢି, ଲେଖି ପରୀକ୍ଷାରେ ପାସ୍ କରି ଆସିଛନ୍ତି ସମସ୍ତେ, ଆଉ ଏହାସହ ମୃତ୍ତିକା ସଂରକ୍ଷଣ କୁ ବି ପଢିଛନ୍ତି । ହେଲେ କ'ଣ ହେବ, ସବୁ ଯାହାକୁ ତାହା । ସେ ସବୁ ଆଜି ଚୂଲିମୁଣ୍ଡକୁ ଗଲାଣି । ରାସାୟନିକ ସାରର ବହୁଳ ବ୍ୟବହାର ସହିତ ମଣିଷ ଏବେ କୃଷି ପାଇଁ ଜଙ୍ଗଲ କ୍ଷୟ କରୁଛି । ଯେଉଁ ଚେର ଦିନେ ମାଟିର ଭିତରକୁ ଜାବୁଡି ଧରିଥିଲା, ଆଜି ସେ ନିରୁପାୟ ଶ୍ରୀହୀନ । ମାଟି ଫାଟି ଆଁ କରୁଛି ତ୍ରାହି ତ୍ରାହି ଚିତ୍କାର କରୁଛି ।

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି । ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି । ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ । ସେତେବେଳେ ମଣିଷ କରିବ କ'ଣ ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ ?

ସମ୍ପ୍ରତି ଭାରତ ବର୍ଷରେ ୧୪୭ ମିଲିୟନ ହେକ୍ଟରର ମୃତ୍ତିକା କ୍ଷୟ ହୋଇସାରିଛି । ସେମଧ୍ୟରୁ ୯୪ ମିଲିୟନ ହେକ୍ଟର ଜଳ ପ୍ରଦୂଷଣ, ୧୬ ମିଲିୟନ ହେକ୍ଟର ବନ୍ୟା, ୯ ମିଲିୟନ ହେକ୍ଟର ବାୟୁ ପ୍ରଦୂଷଣ ଆଉ ୭ ମିଲିୟନ ହେକ୍ଟର ଅନ୍ୟାନ୍ୟ କାରଣ ଯୋଗୁଁ ହେଉଛି । ତେବେ ଯଦି ଏମିତି ପରିମାଣରେ ମୃତ୍ତିକା କ୍ଷୟ ହୁଏ ତେବେ ୨୦୨୫ ବେଳକୁ କୃଷି ପାଇଁ ଜମି ନଥିବ । ସେତେବେଳେ ମଣିଷ କରିବ କ'ଣ ? ଯଦି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଏମିତି କରିବାପାଇଁ ପଛାଉନାହିଁ, ତେବେ ଟିକେ ଭାବନ୍ତୁନା ଆଉ କିଛି ଦିନପରେ ଅବସ୍ଥା କ'ଣ ହେବ ?

ବ୍ୟବହୃତ ରାସାୟନିକ ସାରର ଅଧିକାଂଶ ମଣିଷ ଖାଦ୍ୟ ଭାବେ ଗ୍ରହଣ କରୁଛି । ଏହା ଜାଣି ବି ସବୁ ଅଜଣା । ତେବେ ମୃତ୍ତିକା ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ ହେଉଛି ସତ ସବୁ କାଗଜ କଲମରେ ରହିଯାଉଛି । କୃଷି ଓ କୃଷକଙ୍କ ପାଇଁ ସରକାର ଯୋଜନା ପ୍ରଣୟନ କରୁଛନ୍ତି । ଏହାକୁ କାର୍ଯ୍ୟକାରୀ ବି କରୁଛନ୍ତି । ନିକଟରେ ଜଳସେଚନ ପାଇଁ ସୌର ଜଳନିଧି ଯୋଜନା ଆରମ୍ଭ ହେଲା । ପରନ୍ତୁ ଦୁଃଖର ବିଷୟ ମୃତ୍ତିକା ସଂରକ୍ଷଣ ପାଇଁ ସେମିତି କିଛି ଯୋଜନା ପ୍ରଣୟନ ହେଉନି । ଆଜିବି ଅନେକଙ୍କ ଅଜ୍ଞାତ ଦ୍ୱାରରେ ବିଶ୍ୱ ମୃତ୍ତିକା ଦିବସ । କେତେକ କୃଷି ଛାତ୍ର, ବୈଜ୍ଞାନିକ ଆଉ ଅଫିସରଙ୍କୁ ଛାଡିଦେଲେ ବୋଧହୁଏ ଆଉ କେହି ଶୁଣିବି ନଥିବେ । ତେବେ କୃଷି ପାଇଁ ମାଟିର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେକଥା ଜମିରେ ଝାଳ ବୁହାଇଥିବା ଚାଷୀ ଭାଇଟିଏ ଜାଣିଛି । ହେଲେ ବିଳାସବ୍ୟସନରେ ଜୀବନ ନିଭାଉଥିବା ମଣିଷ ଜାଣିନି । ମୋ ଲେଖିବାର ଅଭିପ୍ରାୟ ମୁଁ ନିଜେ କୃଷି ସ୍ନାତକ ଅଧ୍ୟୟନରତ । ପରନ୍ତୁ ଦୁଃଖର ବିଷୟ ବିଶ୍ୱ ମୃତ୍ତିକା ଦିବସ ଖାଲି ଦିବସରେ ରହିଯାଉଛି ।

ମୃତ୍ତିକା ସଂରକ୍ଷଣ ପାଇଁ ନୂତନବନୀକରଣ, ଜୈବିକ କୃଷି, ଜୈବିକ ଖତ ଯଥା (ଜୀବାମୃତ, ପଞ୍ଚଗବ୍ୟ, ଦଶଗବ୍ୟ, ଅମୃତପାଣି)ର ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ମିତ୍ରକୀଟ ସଂଖ୍ୟା ବଢାଇବା ସହ ପାରମ୍ପରିକ ପଦ୍ଧତିରେ ରାସାୟନିକ ସାରର ବ୍ୟବହାରକୁ ବନ୍ଦ କରିବାକୁ ନିଷ୍ପତି ନିଆଯାଉଛି । ନିକଟରେ ୨୫ରୁ ଅଧିକ କୀଟନାଶକକୁ ଭାରତ ସରକାର ସେସବୁର ବ୍ୟବହାର ଉପରେ କଟକଣା ଲଗାଇଛନ୍ତି । ଏହା ଏକ ସୁଦୂରପ୍ରସାରୀ ପଦକ୍ଷେପ କହିଲେ ଭୁଲ ହେବନାହିଁ । ଏସବୁ କୀଟନାଶକ ବଦଳରେ ଯଦି ଘରୋଇ ଉପାୟରେ କୀଟନାଶକ ପ୍ରସ୍ତୁତ କରି (ନିମ୍ବପତ୍ରର ରସ)କୁ ବ୍ୟବହାର କରାଯାଆନ୍ତା, ସୁଫଳ ମିଳିବାଟା ଥୟ ।

ସମୟ ଆସିଛି ଚାଷୀଙ୍କ କଥାକୁ ଗୁରୁତ୍ୱ ଦେବାର । ଚାଷକୁ ଭଲପାଇବାର । ନାକ ଟେକିବାନି ବରଂ ନିଜେ ଚାଷ ଓ ଚାଷୀର ଗହନ କଥାକୁ ଅନୁକରଣ କରିବା । କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା । ଆମ ଚାଷୀ ଆମ ଦେଶର ବଳ । ଆମ ଶକ୍ତି ଆଉ ଚେତନାର ପରିମାପକ । ଆମ ସଂସ୍କୃତିର ମୂଳାଧାର । ସେ ଚାଷୀକୁଳକୁ ମୋର କୋଟି ନମନ ...



# ମାଣ୍ଡିଆର୍ ମହକରେ ମହକିତ ଓଡ଼ିଶା

**ଆମ ରାଜ୍ୟ ଓଡ଼ିଶା – ଏ ମାଟି ଚାଷୀର ମାଟି । କୃଷି ପ୍ରଧାନ ରାଜ୍ୟ ଓଡ଼ିଶା ତିନି ତିନି ଥର କୃଷି କର୍ମଣ ପୁରସ୍କାରରେ ପୁରସ୍କୃତ । ଆମ ସଭ୍ୟତା ଓ ସଂସ୍କୃତି କୃଷି ଉପରେ ଆଧାରିତ । ଭାରତୀୟ ସଭ୍ୟତାର ଏନ୍ତୁଡ଼ିଶାଳ କୃଷି । କୃଷି ଆମ ଜନଜୀବନର ମୌଳିକ ଉପାଦାନ । ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷିକୁ ବାଦ ଦେଇ ଜନଜୀବନର ପରିକଳ୍ପନା କରିବା ଏକ କଷ୍ଟକର ବ୍ୟାପାର । ଆମ ରାଜ୍ୟରେ ବିଭିନ୍ନ ପ୍ରକାର ଫସଲ ଚାଷ କରାଯାଉଥିଲେ ମଧ ମାଣ୍ଡିଆର ଚାହିଦା କିନ୍ତୁ ଢ଼େର ଅଧିକ । ମାଣ୍ଡିଆ – ସେ ଶୁଷ୍କ ମାଟିର ସୁନା । ଶୁଷ୍କ ମାଟିରେ ଚାଷ କରୁଥିବା ଚାଷୀର ମାନସ ସନ୍ତାନ । ପୁଷ୍ଟିସାରରେ ପରିପୂର୍ଣ୍ଣ ଆଉ ସ୍ୱାଦରେ ଲୋଭନୀୟ । ମାଣ୍ଡିଆ ଚାଷକୁ ଉପକୂଳବର୍ତ୍ତୀ ଅଂଚଳରେ ବେଶୀ ପରିମାଣରେ ଚାଷ କରାଯାଉନଥିବା ବେଳେ ଦକ୍ଷିଣ ଓଡ଼ିଶାରେ ଏହା ଏକ ପ୍ରମୁଖ ଭୂମିକା ନିଭାଇଛି । ମାଣ୍ଡିଆ ଚାଷ ଅନେକଙ୍କ ଜୀବିକାର ଚାବିକାଠି ସାଜିଛି । ଅନେକଙ୍କ ମୁହଁରେ ଦି ଓଳି ଦାନା ପଡୁଛି ତ ଏଇ ମାଣ୍ଡିଆ ପାଇଁ । ମାଣ୍ଡିଆ ରପ୍ତାନୀ କ୍ଷେତ୍ରରେ ବେଶ ଆଗୁଆ ଥିବା ଓଡ଼ିଶା ଏହାକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଦକ୍ଷିଣ ଓଡ଼ିଶାରେ ପ୍ରାୟ ସବୁ ଋତୁମାନଙ୍କରେ ଏହାକୁ ଚାଷ କରାଯାଉଥିବା ବେଳେ ମାଣ୍ଡିଆ ଏବେ ବିଭିନ୍ନ ପ୍ରଦର୍ଶନୀ ମେଳାରେ ଦର୍ଶକ ମାନଙ୍କ ମନରେ ଏକ ବିଶେଷ ସ୍ଥାନ ସୃଷ୍ଟି କରିଛି । ସେ ମାଣ୍ଡିଆ ସୁପ୍ ହେଉ କି କେକ୍ ଅବା ମାଣ୍ଡିଆ ପିଠା ଏସବୁଥିରେ ଓଡ଼ିଆ ମାଟି, ପାଣି ଆଉ ପବନର ବାସ୍ନା ବେଶ ସହଜରେ ବାରି ହୋଇପଡ଼େ । ସେଇଥି ପାଇଁ ତ ମାଣ୍ଡିଆ ପାଖରେ ଭିଡ଼ର ଆସର ଜମେ । ତେବେ ଏ ମାଣ୍ଡିଆ ଚାଷ ପାଇଁ ଆବଶ୍ୟକୀୟ ଜଳବାୟୁ ଓ ଚାଷ ପ୍ରଣାଳୀକୁ ନେଇ  ସ୍ୱତନ୍ତ୍ର ଉପସ୍ଥାପନା – ଶୁଷ୍କ ମାଟିର ସୁନା-ମାଣ୍ଡିଆ....**

**ମାଣ୍ଡିଆ କଣ ?**

ମାଣ୍ଡିଆ ଏକ କ୍ଷୁଦ୍ର ଦାନା ଯୁକ୍ତ , ଗରମ ଦିନିଆ ଫସଲ । ଏହା ମରୁଡ଼ି ସହ୍ୟ କରିପାରେ । ଶୁଷ୍କ ଓ ଅଧିକ ତାପାମାତ୍ରା ଥିବା ଅଂଚଳରେ  ଏହା ସହଜରେ ବଢ଼ିପାରେ । ମାଣ୍ଡିଆ ଚାଷ ହୋଇଥିବା ଜମି ଖୁବ ଉର୍ବର ହୋଇଥାଏ । ଏହା ରୋଗ ପୋକ ସହନଶୀଳ ଫସଲ ଅଟେ । ମାଣ୍ଡଆ ଅମଳ ପରେ ଏହାକୁ ଆମେ ସୁପ , ପକୋଡ଼ି , ପିଠା ପରି ବିଭିନ୍ନ ଖାଦ୍ୟ ଭାବେ ଗ୍ରହଣ କରିପାରୁ । ଏହା ଧାନ ଅପେକ୍ଷା ଖୁବ କମ ପାଣିରେ ବଢ଼ିପାରିଥାଏ । ଏହା ପୁଷ୍ଟିକରଯୁକ୍ତ ଶସ୍ୟ ହୋଇଥିବା ବେଳେ କ୍ୟାଲସିୟମରେ ପରିପୂର୍ଣ୍ଣ ଥାଏ । ଏହା କମ ଉର୍ବର ମାଟିରେ ବି ଭଲ ଭାବରେ ବଢ଼ିପାରିଥାଏ ।

**ଜମି ପ୍ରସ୍ତୁତି**

ମାଣ୍ଡିଆ ଫସଲ ଚାଷ କରିବା ପାଇଁ ପ୍ରଥମତଃ ଜମି ପ୍ରସ୍ତୁତି କରିବା ଆବଶ୍ୟକ । ତଳି ପ୍ରସ୍ତୁତି କରିବା ପାଇଁ ୫୦୦ ସ୍କୋୟାର ମିଟରର ଏକ ସ୍ଥାନ ଚୟନ କରାଯାଇଥାଏ । ସ୍ଥାନକୁ ଏମିତି ଜାଗାରେ ଚୟନ କରିବା ଆବଶ୍ୟକ ଯେଉଁଠାରେ ଆବଶ୍ୟକ ପରିମାଣର ପାଣି ଉପଲବ୍ଧ ହୋଇପାରୁଥିବ । ଏହା ପରେ ୩୭.୫ କିଗ୍ରା ସୁପର ଫସଫେଟକୁ ୫୦୦କିଗ୍ରା କମ୍ପୋଷ୍ଟ ସହ ମିଶାଇ ଏହି ତଳିରେ ବୁଣାଯାଇଥାଏ ।

### ବିହନ ବିଶୋଧନ

ବିହନ ବୁଣିବା ପୂର୍ବରୁ ପ୍ରଥମେ ବିହନ ବିଶୋଧନ କରାଯିବା ନିତ୍ୟାନ୍ତ ଆବଶ୍ୟକ । ତେବେ ବିହନ ବିଶୋଧନ କରିବା ନିମନ୍ତେ ଏକ କିଗ୍ରା ବିହନକୁ କାର୍ବେଣ୍ଡାଜିମ ଦ୍ରବଣ (ଏକ ଲିଟରରେ ୨ଗ୍ରାମ ଲେଖାଏଁ) ରେ ବୁଡ଼ାଇ ବିଶୋଧନ କରାଯାଏ । ଏହା ପରେ ଏହାକୁ ପାଣିରେ ୧୦ଘଣ୍ଟା । ବୁଡ଼େଇ ରଖାଯାଏ । ପରେ ପାଣି ନିଗିଡ଼ିଲା ପରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଏ । ଏହା ଯୋଗୁଁ ଚାରାକୁ ୨୦ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରେ । ଏତଦ୍‌ବ୍ୟତୀତ ଜୈବିକ ଉପାୟରେ ଆଜୋସ୍ପିରିଲମକୁ ହେକ୍ଟର ପିଛା ୬୦୦ଗ୍ରାମ ଦ୍ୱାରା ବିଶୋଧନ କରାଯାଇପାରେ ।

### ବିହନ ବୁଣା

ତଳି ପକାଇଥିବା ସ୍ଥାନରେ ଅଳ୍ପ ଗଭୀରରେ ଗାତ କରାଯାଇଥାଏ । ୫କିଗ୍ରା ବିହନକୁ ତଳିରେ ବୁଣାଯାଇଥାଏ । ବୁଣା ସରିବା ପରେ ଏହାକୁ କିଛି ମାଟି ଦ୍ୱାରା ଘୋଡ଼ାଇ ଦିଆଯାଇଥାଏ । ଏହା ଉପରେ ୫୦୦ କିଗ୍ରା କମ୍ପୋଷ୍ଟକୁ ମଧ୍ୟ ବ୍ୟବହାର କରାଯାଇଥାଏ । ୧୭ ରୁ ୨୦ ଦିନ ପରେ ଏହା ରୋଇବା ଲାଗି ଉପଯୁକ୍ତ ହୋଇଯାଇଥାଏ ।

### ମୁଖ୍ୟ ଜମି ପ୍ରସ୍ତୁତ

ଜମିକୁ ଭଲ ଭାବରେ ହଳ କରି ମଇ ଦେଇ ସମତୁଳ କରିବା ଆବଶ୍ୟକ । ଏହା ଦ୍ୱାରା ମାଟି ହାଲୁକା ହେବା ସହ ମୃତ୍ତିକାର ଜଳଧାରଣ କ୍ଷମତା ମଧ୍ୟ ବୃଦ୍ଧି ହୋଇଥାଏ । ଏହା ପରେ ହେକ୍ଟର ପିଛା ୧୨.୫ ଟନ କମ୍ପୋଷ୍ଟକୁ ଜମିରେ ମିଶାଯାଇ ପୁଣି ହଳ କରାଯାଇଥାଏ । ଯେମିତିକି କମ୍ପୋଷ୍ଟ ମାଟିରେ ଭଲ ଭାବରେ ମିଶିପାରିବ । ଏହା ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ପାଇଥାଏ ।

### ଚାରା ରୋପଣ

ଜମିକୁ ଭଲ ଭାବରେ ସମତୁଲ କରିବା ପରେ ୩ ସେମି ଗଭୀରରେ ଚାରାକୁ ପୋତିବା ଉଚିତ । ୧୮ରୁ ୨୦ ଦିନ ପରେ ଚାରା ରୋପଣ କରିବା ଆବଶ୍ୟକ । ଧାଡ଼ିକୁ ଧାଡ଼ି ୨୨.୫ସେମି ଓ ଗଛକୁ ଗଛ ୧୦ସେମି ଦୂରତା ଛାଡ଼ି ଚାରା ଲଗାଇବା ଉଚିତ୍ ।

### ସାର ପ୍ରୟୋଗ

ଜମିରେ ସାର ପ୍ରୟୋଗ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ । ହେକ୍ଟର ପିଛା ୬୦ କିଗ୍ରା ୟୁରିଆ , ୩୦ କିଗ୍ରା ଫସଫରସ ଓ ୩୦ କିଗ୍ରା ପଟାସକୁ ଜମିରେ ପ୍ରୟୋଗ କରିବା ଆବଶ୍ୟକ ।

### ଅମଳ

ଏହାକୁ ଦୁଇଟି ବିଭାଗରେ ଅମଳ କରିବା ଆବଶ୍ୟକ । ପ୍ରଥମେ ଯେତେବେଳେ ଏହା ମାଟିଆ ରଙ୍ଗର ହୋଇଯାଏ, ସେତେବେଳେ ଏହାକୁ ଅମଳ କରାଯାଇପାରେ ।

(ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ)

# ଇଫକୋ ଓ ଏନ.ଆର୍.ଆର୍.ଆଇ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଗତ ୦୪ ଜାନୁଆରୀ ୨୦୨୩ ରେ ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର୍ କୋଅପରେଟିଭ୍ ଲିମିଟେଡ୍ (ଇଫକୋ), ଭୁବନେଶ୍ୱର ଏବଂ ଜାତୀୟ ଧାନ ଗବେଷଣା କେନ୍ଦ୍ର (ଏନ.ଆର.ଆର .ଆଇ.) କଟକ ମଧ୍ୟରେ ଧାନ ଫସଲରେ ନାନୋ ଡି.ଏ.ପି.ର କ୍ଷେତ୍ର ପରିକ୍ଷଣ କରିବା ପାଇଁ ପାରସ୍ପରିକ ବୁଝାମଣା ଚୁକ୍ତି ପତ୍ର ସ୍ୱାକ୍ଷର କରାଯାଇଅଛି ଓ ପ୍ରଥମ ପକ୍ଷ ଭାବରେ ଡ଼ଃ. ଏ.କେ.ନାୟକ, ଡ଼ାଇରେକ୍ଟର, ଏନ.ଆର.ଆର.ଆର.ଆଇ. ଏବଂ ଦ୍ୱିତୀୟ ପକ୍ଷ ଭାବରେ ଶ୍ରୀ ଏସ.କେ.ଚ଼ାଟାର୍ଜୀ, ରାଜ୍ୟ ବିପଣନ ପ୍ରବନ୍ଧକ, ଇଫକୋ, ଓଡିଶା ଏହି ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିଲେ ଓ ଅନ୍ୟ ପଦାଧିକାରୀ ଯଥା ଡ଼ଃ. ସଂଗୀତା ମହାନ୍ତି, ବରିଷ୍ଠ ବୈଜ୍ଞାନିକ, ଏନ.ଆର.ଆର.ଆର.ଆଇ., ଶ୍ରୀ ସୁବାସ ଚ଼ନ୍ଦ୍ର ଜେନା, କ୍ଷେତ୍ର ପ୍ରବନ୍ଧକ, ଇଫକୋ, ଶ୍ରୀ ବରୁଣ କୁମାର ପଣ୍ଡା, ସହକାରୀ କ୍ଷେତ୍ର ପ୍ରବନ୍ଧକ, ଇଫକୋ, ଏବଂ ଏନ.ଆର.ଆର.ଆର.ଆଇ.ର ଅନ୍ୟ ବୈଜ୍ଞାନିକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ଓ ଏହି ବୁଝାମଣା ଚୁକ୍ତି ପତ୍ର ଅନୁଯାୟୀ ଏନ.ଆର.ଆର.ଆର.ଆଇ. ଦ୍ୱାରା ଧାନ ଫସଲରେ ଇଫକୋ ନାନୋ ଡି.ଏ.ପି.ର କ୍ଷେତ୍ର ପରିକ୍ଷଣ କରାଯିବ ଓ ଇଫକୋ ନାନୋ ୟୁରିଆ ପରି ଆଗାମୀ ଭବିଷ୍ୟତରେ ଇଫକୋ ଖୁବ ଶିଘ୍ର ଚ଼ାଷୀମାନଙ୍କର ପାଇଁ ନେଇ ଆସିବ ଇଫକୋ ନାନୋ ଡି.ଏ.ପି.ଓ ଏହି ଇଫକୋ ନାନୋ ଡି.ଏ.ପି. ଚ଼ାଷୀ ଭାଇମାନଙ୍କର ଅମଳ ବଢାଇବା ସହ ଦାନାଦାର ଡି.ଏ.ପି.ର ବିକଳ୍ପ ଭାବରେ କାର୍ଯ୍ୟ କରିବ ଓ ତେଣୁ ଏହି କ୍ଷେତ୍ର ପରିକ୍ଷଣ ମାଧ୍ୟମରେ ନାନୋ ଡି.ଏ.ପି. କିପରି ଫସଲରେ ଅମଳ ବୃଦ୍ଧି କରିବାରେ ସହାୟକ ହେଉଛି, ସେହି ତଥ୍ୟକୁ ଏନ.ଆର.ଆର. ଆର.ଆଇ. ବୈଜ୍ଞାନିକମାନେ ସଠିକ ଭାବରେ ଅନୁଧ୍ୟାନ କରି ଚ଼ାଷୀମାନଙ୍କୁ ନାନୋ ଡି.ଏ.ପି. ବିଷୟରେ ଅବଗତ କରାଇବେ ଓ ଏହି ଗବେଷଣା ଚ଼ାଷୀ ଭାଇମାନଙ୍କୁ ନାନୋ ଡି.ଏ.ପି. ସମ୍ବନ୍ଧୀୟ ବିଶେଷ ତଥ୍ୟ ଯୋଗାଇବା ସହ ଅଧିକ ଲାଭ ଯୋଗାଇବାରେ ମଧ୍ୟ ସକ୍ଷମ ହେବ ।



# ଧାନ ଫସଲରେ କୃଷି ଯନ୍ତ୍ରପାତିର ବ୍ୟବହାର

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ ଧାନ ଉପରେ ପ୍ରାୟତଃ ସତୁରୀ ଭାଗ ଲୋକ ନିର୍ଭର କରିଥାନ୍ତି । ଖାଦ୍ୟ ଜୀବନର ଏକ ପ୍ରାଥମିକ ଆବଶ୍ୟକତା ଏବଂ ଏହାର ପରିପୂର୍ଣ୍ଣତା କୃଷି ଦ୍ୱାରା ହିଁ ସମ୍ଭବ । ଆଉ ଏଇ କୃଷି ପଦ୍ଧତିକୁ ଯାନ୍ତ୍ରିକ ଜ୍ଞାନ କୌଶଳ ମାଧ୍ୟମରେ ସରଳ ଓ ସହଜ କରିବାରେ କୃଷି ଉପକରଣ ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଧାନ ଓଡ଼ିଶାର ଏକ ପୁରାତନ, ପାରମ୍ପରିକ ଓ ପ୍ରଧାନ ଫସଲ । ଏହା ଏକ ବିଶେଷ ଧରଣର ଫସଲ ହୋଇଥିବାରୁ ଜମି ପ୍ରସ୍ତୁତିକରଣର ନିର୍ଦ୍ଦିଷ୍ଟ ପ୍ରଣାଳୀ ରହିଛି । ଜମିର ପ୍ରସ୍ତୁତି ନିମନ୍ତେ ଅନେକ ପ୍ରକାରର ପଶୁଚାଳିତ ତଥା ଟ୍ରାକ୍ଟର୍ ବା ପାୱାର୍ ଟିଲର୍ ଚାଳିତ କୃଷି ଯନ୍ତ୍ରପାତି ରହିଛି । ପ୍ରଥମ ପର୍ଯ୍ୟାୟରେ କ୍ଷେତକୁ ପ୍ରାଥମିକ ହଳ ଦ୍ୱାରା ମାଟିକୁ ଖୋଳି ହାଲ୍କା କରାଯାଏ । ଜମିରେ ବାଲୁଙ୍ଗା ଅଧିକ ମାତ୍ରାରେ ଥିଲେ ଏହା ବିଶେଷ ସହାୟକ ହୁଏ । ଏତତ୍ ଦ୍ୱାରା ବର୍ଷା ଜଳ ମାଟିକୁ ଶୀଘ୍ର ପ୍ରବେଶ କରେ ଓ ପ୍ରଚୁର ବାୟୁ ଚଳାଚଳ ସମ୍ଭବପର ହୁଏ । ଯଦ୍ୱାରା ଚେର ଓ ଗଛର ବୃଦ୍ଧି ତ୍ୱରାନ୍ୱିତ ହୁଏ । ଏଥିପାଇଁ ପାରମ୍ପରିକ ହଳଲଙ୍ଗଳ, ବାଖର୍ ଇତ୍ୟାଦି ପଶୁଚାଳିତ ଏବଂ ମୋଲ୍ଡ ବୋର୍ଡ୍ ପ୍ଲାଓ, ଡିସ୍କ୍ ପ୍ଲାଓ ଇତ୍ୟାଦି ଟ୍ରାକ୍ଟର୍ ବା ପାୱାର୍ ଟିଲର୍ ଚାଳିତ ଆଧୁନିକ ଉପକରଣ ବ୍ୟବହୃତ ହୁଏ । ପ୍ରତିଟି ହଳଲଙ୍ଗଳର ଭିନ୍ନ ଭିନ୍ନ ବିଶେଷତ୍ୱ ରହିଛି । ମୋଲ୍ଡ ବୋର୍ଡ୍ ପ୍ଲାଓ ମାଟିକୁ ଭାଙ୍ଗିଲା ପରେ ଓଲଟାଇ ପକାଇଦିଏ । ଫଳରେ ଜମିରେ ହୋଇଥିବା ବାଲୁଙ୍ଗା ନଷ୍ଟ ହେବ ସହ ମୃତ୍ତିକା ସ୍ତର ସଂରଚନାର ପରିବର୍ତ୍ତନ ହୋଇଥାଏ । ଅତ୍ୟଧିକ ଟାଣ ତଥା ଚିକିଟା ମାଟିକୁ ଚାଷ କରିବାରେ ଡିସ୍କ୍ ପ୍ଲାଓ ଏକ ଉପଯୁକ୍ତ ଉପକରଣ ।

**ଏହାପରେ କମ୍ପୋଷ୍ଟ ବା ଖତସାର ଜମିରେ ସମାନ ଭାବରେ ପକାଇବାପାଇଁ ମଧ୍ୟ ଟ୍ରାକ୍ଟର୍ ଚାଳିତ ମାନ୍ୟୁର୍ ସ୍ପ୍ରେଡ଼ର୍ ଉପଲବ୍ଧ । ଦ୍ୱିତୀୟ ପର୍ଯ୍ୟାୟ ଚାଷରେ ଢେଲା ମାଟିକୁ ଗୁଣ୍ଡ କରାଯାଏ । ଯଦି ତଳି ରୋପଣ ନକରି ସିଧାସଳଖ ଧାନ ବୁଣିବାର ଥାଏ ତେବେ ଏହା ଦ୍ୱିତୀୟ ପର୍ଯ୍ୟାୟ ଚାଷ ପୂର୍ବରୁ କରିଦିଆଯାଏ ।**

ଏଥିପାଇଁ ସାଧାରଣତଃ ଟାଇନ୍ କଲ୍ଟିଭେଟର୍ ଓ ଡିସ୍କ ହ୍ୟାରୋ ବ୍ୟବହୃତ ହୁଏ । କ୍ଲଡ୍ କ୍ରଶର୍, ପଟେଲା ହ୍ୟାରୋ ଏଥିପାଇଁ ଦକ୍ଷ ହୋଇଥିଲେ ମଧ୍ୟ ଏମାନେ କେବଳ ମାଟିର ଉପର ସ୍ତରରେ କାମ କରିଥାନ୍ତି । ରୋଟାଭେଟର୍ ଭଳି କୃଷି ଉପକରଣ ଏଥିପାଇଁ ବିଶେଷ ଉପଯୋଗୀ ହୋଇଥାଏ । ଏହା ମାଟିକୁ ଚାଷ କରି ଗୋଟିଏ ଥରରେ ଜମି ପ୍ରସ୍ତୁତ କରିବାରେ ସକ୍ଷମ । ସ୍ପାଇକ୍ ଟୂଥ୍ ହ୍ୟାରୋ ଭଳି ଉପକରଣ ମଧ୍ୟ ବ୍ୟବହୃତ ହୁଏ । ତଳି ରୋପଣ କରିବାର ନଥିଲେ ଏହି ଚାଷ ପରେ ସୀଡ୍ ଡ୍ରିଲ ଦ୍ୱାରା ଧାଡ଼ିକୁ ଧାଡ଼ି ବା ପ୍ଲା[ର୍ ଦ୍ୱାରା ଧାଡିକୁ ଧାଡି ସହିତ ମଞ୍ଜିରୁ ମଞ୍ଜି ସମାନ ବ୍ୟବଧାନ ରଖି ଧାନ ବୁଣା ଯାଇପାରିବ ।

ଜମିରେ ୫ ରୁ ୧୦ ସେ. ମି. ଠିଆପାଣି ଥିବା ସମୟରେ ପଡ଼ଲର୍ କିମ୍ବା ରୋଟାଭେଟର୍ ବ୍ୟବହାର କରି ଜମି କାଦୁଅ କରାଯାଏ । ପଡ଼ଲର୍ ସହିତ ଟ୍ରାକ୍ଟର୍ କିମ୍ବା ପାୱାର୍ ଟିଲର୍ ଚକରେ କେଜ୍ ହୁଇଲ୍ ଲଗାଇ କାଦୁଅ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଏ । ବିଭିନ୍ନ ପ୍ରକାରର ପଶୁଚାଳିତ କାଦୁଅ କରିବା ଉପକରଣ ମଧ୍ୟ ଉପଲବ୍ଧ । କାଦୁଅ କରିବା ଦ୍ୱାରା ଉପର ସ୍ତରର ମୃତ୍ତିକା ଗୁଣ୍ଡ ହୋଇ ଛୋଟ କଣିକାରେ ପରିଣତ ହୁଏ । ଫଳରେ ଜମିର ଉପରିଭାଗରେ ପାଣିକୁ ଧରିରଖିବାରେ ସକ୍ଷମ ଏକ ସ୍ତର ସୃଷ୍ଟି ହୁଏ । ଏତତ୍ ବ୍ୟତୀତ ଏହି ପ୍ରକ୍ରିୟାରେ ଜମିରେ ଥିବା ବାଲୁଙ୍ଗା ଓ ପୂର୍ବ ଫସଲର ଅବଶିଷ୍ଟାଂଶ କାଦୁଅରେ ପୋତି ହୋଇ ବିଘଟିତ ହୋଇଯାନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଜମି ସମତଳ ଓ ତଳି ରୋପଣ କାର୍ଯ୍ୟ ସହଜସାଧ୍ୟ ହୁଏ ।ଏହାପରେ ବଳଦ ଟଣା ଲେବେଲିଂ ବୋର୍ଡ୍, ଟ୍ରାକ୍ଟର୍ ଚାଳିତ ଡ୍ରାଗ୍ ବକେଟ୍ ବା ଲେଜ୍ର୍ ଲ୍ୟାଣ୍ଡ୍ ଲେବେଲର୍ ଯୋଗେ ଜମିକୁ ସମତଳ କରାଯାଏ । ଲେବେଲିଂ କରିବା ଦ୍ୱାରା ଜଳର ଉପଯୁକ୍ତ ବିନିଯୋଗ କରାଯାଇପାରେ, ବାଲୁଙ୍ଗା ହ୍ରାସ ହବା ସହିତ ସମଗ୍ର ଜମିରେ ଧାନଗଛର ସମବୃଦ୍ଧି ଓ ଅଧିକ ଅମଳ ସମ୍ଭବ ହୁଏ । ଏହାପରେ ତଳିରୋପଣ କରାଯାଇ ପାରିବ ବା ପ୍ରିଜର୍ମିନେଟେଡ୍ ପ୍ୟାଡି ସୀଡ଼ର୍ ଦ୍ୱାରା ଗଜା ମଞ୍ଜି ବୁଣାଯାଇ ପାରିବ । ହାତ ଦ୍ୱାରା ତଳି ରୋପଣ ବ୍ୟତିତ ମଣିଷ ଚାଳିତ ବା ଇଞ୍ଜିନ୍ ଚାଳିତ ତଳି ରୋପଣ ଯନ୍ତ୍ରର ବ୍ୟବହାର କରାଯାଏ ।

**ଜ୍ୟୋତିର୍ମୟ ମହାପାତ୍ର,**
**ପିଏଚ୍. ଡି. ଛାତ୍ର, କେନ୍ଦ୍ରୀୟ କୃଷି ଅଭିଯାନ୍ତ୍ରିକ ସଂସ୍ଥାନ,ଭୋପାଲ,**
**ମୋ:୭୨୩୧୦୦୯୭୮୮**



# ସହରାଂଚଳ କୃଷିର ସ୍ୱତନ୍ତ୍ର ଅବଦାନ ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ

## ଫିଚର ବିଭାଗ

ସମୟର ସାରାଂଶରେ ଜନସଂଖ୍ୟା ଏବେ ହୁ ହୁ  ହୋଇ ବଢୁଛି । ଚାଷଜମି ସବୁ ପଡ଼ିଆ ହୋଇ ପଡ଼ିରହୁଛି । ଆଉ ବାକିତକ କାରଖାନାର କଳେବରରେ ଚାପିହୋଇଗଲେଣି । ଯେଉଁ ଚାଷଜମି ସଭ୍ୟତାର ଆଦ୍ୟ ଓଁକାର ଥିଲା ଆଜି ତାହା ନିସ୍ୱ ପାଲଟିଯାଇଛି । ବିଜ୍ଞାନର ଚକ୍ରବୃଦ୍ଧି ହାର ସହ କୃଷି ବି ଏବେ ଅବହେଳିତ । ପରିବେଶ ଆଜି ଶ୍ରୀହୀନ । ଯାହା ଦିନେ ସବୁଜିମାର ଆବରଣ ତଳେ ବେଶ ସତେଜ ହେଇ ଝଲସି ଉଠୁଥିଲା ଆଜି ସେସବୁ ମୁକ ପାଲଟିଯାଇଛି । କିନ୍ତୁ ସହରୀକରଣ ମଧ୍ୟରେ ଏବେ ମୁଣ୍ଡଟେକି ଉଠିଛି ରୁଫଟପ୍ ଗାର୍ଡ଼େନିଙ୍ଗ । ଯାହା ପୁଣିଥରେ ସବୁଜମୟ ହେବାର ପରିକଳ୍ପନା ନେଇ ଘରର ଛାତ ଉପରେ ଶୋଭା ପାଉଛି । ଘର ଛାତ ତ ଶ୍ୟାମଳର ରଙ୍ଗରେ ଭିଜିଯାଉଛି ତା ସହ ମନ ଓ ଶରୀର ଏକ ଅଫୁରନ୍ତ ଆନନ୍ଦରେ ଆନନ୍ଦିତ ବି ହେଉଛି  । ରୁଫଟପ୍ ଗାର୍ଡ଼େନିଙ୍ଗ- ଘର ଉପରେ ଆକର୍ଷଣୀୟ ଝଲକ ତଥା ମନଲୋଭା ସୌନ୍ଦର୍ଯ୍ୟ ସହ ବେଶ ଜୀବନ୍ତ ଲାଗୁଛି ।

ସମ୍ପ୍ରତି ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସମସ୍ତଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଛି । ଏପରିକି ଏହା ବିଶ୍ୱର ସମାଜିକ,ଅର୍ଥନୈତିକ ତଥା ପରିବେଶ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ ନାନାଦି ସମସ୍ୟା ଉପୁଜାଉଛି । ୧୯୯୬ ଜୁନ ମାସରେ ହୋଇଥିବା ଏକ ଅନ୍ତର୍ଜାତୀୟ କନଫେରେନ୍ସରେ ସହରାଂଚଳ କୃଷି ବା ଅର୍ବାନ ଏଗ୍ରିକଲଚର ମୁଖ୍ୟ ଏଜେଣ୍ଡା ଭବେ ସ୍ଥାନ ପାଇଥିଲା ।

## ରୁଫଟପ୍ ଗାର୍ଡେ଼ନିଙ୍ଗ-

ଚାଷ ଜମିରେ ସବୁପ୍ରକାର ଫସଲ ଚାଷ କରାଯାଇଥାଏ । ଏକଥା ତ ସମସ୍ତଙ୍କୁ ଜଣା । କିନ୍ତୁ ଥରେ ଚିନ୍ତା କଲେ ଯଦି ସହରରେ ଘର କରି ରହୁଥିବେ , ଆଉ ଘର ଛାତ ଉପରେ ଭେଳିକି ଭେଳି ପନିପରିବା ଆଉ ଫୁଲଗଛ ଲାଗିଥିବ । ସଂନ୍ଧ୍ୟା ହେଲେ ମହମହ ପବନ ସହ ସେସବୁ ଖୁବ୍ ଆକର୍ଷଣୀୟ ଲାଗୁଥିବେ ,ଏହା ମନକୁ ଆନନ୍ଦିତ କରିବା ସହ ମାନସିକ ଶାନ୍ତି ପ୍ରଦାନ କରେ । ସେହି ପରିପ୍ରେକ୍ଷୀରେ ରୁଫଟପ୍‌ର ଆକ୍ଷରିକ ଅର୍ଥ ଛାତ ଉପର । ଅର୍ଥାତ ଏହା କୁହାଯାଇପାରେ ଘରର ଛାତ ଉପରେ ଜୈବିକ ଉପାୟରେ ବିଭିନ୍ନ ଫସଲ (ପନିପରିବା , ଫୁଲ , ଔଷଧୀୟ ଗଛ ଇତ୍ୟାଦି) ଚାଷ କରିବାର ପ୍ରଣାଳୀକୁ ରୁଫଟପ୍ ଗାର୍ଡେ଼ନିଙ୍ଗ କୁହାଯାଏ ।

ରୁଫଟପ୍ ଗାର୍ଡେ଼ନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ । କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ । ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ । ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ । ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେ଼ନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ । ପରିବେଶକୁ ସୁରକ୍ଷିତ ରଖାଯାଇପାରିବ । ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ ।

## ଉପକାରିତା –

★ ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ ।
★ ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ ।
★ ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ ।
★ ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ ।
★ ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ ।
★ ଘର ଛାତ ଉପରେ ଥିବାରୁ ଉସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ ।

ଖତସାର ପ୍ରୟୋଗ

ବିଭିନ୍ନ ଫସଲ ମୃତ୍ତିକା ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ । ତେବେ ରୁଫଟପ୍ ଗାର୍ଡେ଼ନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର । ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ । କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ । ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ । ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ । ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ । ଫଳରେ ଗଛଟି କମ୍ ଦିନରେ ମରିଯାଏ । ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ । ସୁତରାଂ ରୁଫଟପ୍ ଗାର୍ଡେ଼ନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ । ତେବେ ଏଥିପାଇଁ ମୂଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ ।

ଜଳସେଚନ

ଯେହେତୁ ଏହା ଆମ ଘରର ଛାତ ଉପରେ କରାଯାଇଥାଏ , ତେଣୁ ଆମେ ଏହି ରୁଫଟପ୍ ଗାର୍ଡେ଼ନିଙ୍ଗର ଉପଯୁକ୍ତ ଯତ୍ନ ନେଇପାରିବା । ଏହା ବ୍ୟତୀତ ଆମେ କେତେବେଳେ ଗଛ ପାଣି ଆବଶ୍ୟକ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିପାରିବା । ସୁତରାଂ ଜଳସେଚନ ପାଇଁ ଆମେ ବୁନ୍ଦା ଜଳସେଚନ ପ୍ରଣାଳୀ ଆପଣେଇପାରିବା । ଯାହା ଦ୍ୱାରା ପାଣି କମ ଖର୍ଚ୍ଚ ହେବା ସହ ଗଛର ଚେର ଠିକ ଭାବେ ପାଣି ପାଇପାରିଥାଏ ।

କିପରି ଯତ୍ନ ନେବେ

★ ବାଲୁଙ୍ଗା ତଥା ଗଛ ଭିତରେ ଅଦରକାରୀ ଗୁଳ୍ମ ଦେଖିଲେ ଏହାକୁ ଉପାଡ଼ିଦେବା ଉଚିତ୍ ।
★ ଡ୍ରେନେଜ ସ୍ଥାନକୁ ପରିଷ୍କାର ପରିଚ୍ଛନ ରଖିବା ଆବଶ୍ୟକ ।
★ ଜୈବିକ ଖତକୁ ବ୍ୟବହାର କରିବା ।
★ ଠିକ୍ ସମୟରେ ପାଣି ଦେବା ଆବଶ୍ୟକ ।
★ ରୋଗ ପୋକ ପରିଚାଳନା ସଠିକ ସମୟରେ କରାଯିବା ଦରକାର ।
★ ସ୍ଥାନ ଚୟନ ଠୁ ଆରମ୍ଭ କରି ଅମଳ ଯାଏଁ ଏକ ଉପଯୁକ୍ତ ତାଲିକା ବା ଖସଡ଼ା ପ୍ରସ୍ତୁତ କରି ତଦାରଖ କରିବା ଆବଶ୍ୟକ ।



# ଉଦ୍ୟୋଗର ନବ ଉନ୍ମେଷ ମହୁମାଛି ପାଳନ



**ଦୀପାୟନ ପାଢ଼ୀ**

(ସହକାରୀ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ ,
ଏମଏସ ସ୍ୱାମୀନାଥନ କୃଷି ମହାବିଦ୍ୟାଳୟ ,ପ ାରଳାଖେମୁଣ୍ଡି
ମୋ -୮୨୮୦୦୨୮୧୬୬)

ମହୁମାଛି ହେଉଛି ଏକ ଅତି ପରିଚିତ, ମୂଲ୍ୟବାନ, ଅତି ଗବେଷିତ ସାମାଜିକ କୀଟ । ମହୁମାଛିଠାରେ ରହିଛି ଠାକୁରଙ୍କ ପ୍ରିୟ ପ୍ରାକୃତିକ ମହୁ ର ଉତ୍ପାଦନ କ୍ଷମତା । ପ୍ରାଚୀନକାଳରୁ ବିଭିନ୍ନ ବେଦ ଉପନିଷଦ ରେ ମହୁ ଓ ମହୁମାଛିର ଉଲ୍ଲେଖ ରହିଛି । ବର୍ତ୍ତମାନ ର ପରିସ୍ଥିତିରେ କେବଳ ଗୋଟିଏ କ୍ଷେତ୍ରରୁ ଅର୍ଥ ଉପାର୍ଜନ କରିବା କଦାପି ଉଚିତ ନୁହଁ । ପରିସ୍ଥିତି ବଦଳୁଛି ଓ ଆମ ଚାଷୀଭାଇ ମାନଙ୍କୁ ମଧ୍ୟ ବଦଳିବାକୁ ପଡ଼ିବ । ସାଧାରଣ ପନିପରିବା, ଫଳ, ଫୁଲ, ତୈଳବୀଜ ଚାଷ ସହ ଯଦି ମହୁଚାଷ କୁ ଯୋଡ଼ି ଦିଆଯିବ ତେବେ ଏହା ଅତି ମୂଲ୍ୟବାନ ମହୁ, ମହମ ଓ ମହୁମାଛି ଦଳ ସହ ପରୋକ୍ଷ ଭାବରେ ପାଖରେ ଥିବା ଖାଦ୍ୟଶସ୍ୟର ଗୁଣବତ୍ତା ତଥା ଉତ୍ପାଦନ କ୍ଷମତା ବଢାଇପାରିବ ।

ମହୁ ଅତି ମୂଲ୍ୟବାନ ଓ ଏହାର ଆବଶ୍ୟକତା ସମସ୍ତେ ଜାଣନ୍ତି । ମହୁକୁ ପୂଜା କ୍ଷେତ୍ରରେ, ସାଧାରଣ ଖାଦ୍ୟ ଓ ଆୟୁର୍ବେଦିକ ଔଷଧ ରେ ବ୍ୟବହାର କରାଯାଏ । ପ୍ରାକୃତିକ ଓ ବିଶୁଦ୍ଧ ମହୁର ମୂଲ୍ୟ ବହୁତ ଅଧିକା (୧ କି.ଗ୍ରା. ସପ୍ତଫେଣୀ ମହୁମାଛି ମହୁ ର ମୂଲ୍ୟ ୪୦୦ ରୁ ୬୦୦ ଟଙ୍କା –) । ୧୦ ଚାମଚ ମହୁ ରୁ ମିଳୁଥିବା ଉର୍ଜା ୧.୫ ଲିଟର କ୍ଷୀର, ୮ଟି କମଳା, ୧୦ ଟି ଅଣ୍ଡା, ୧.୬ କି.ଗ୍ରା. ଛେନା ଓ ୩୦୦ ଗ୍ରାମ ମାଂସ ରୁ ମିଳିବା ଉର୍ଜା ସହ ସମାନ । ମହୁକୁ ବିଭିନ୍ନ ରୋଗର ପ୍ରତିରୋଧକ ଓ ନିରାକରଣ ପାଇଁ ବ୍ୟବହାର କରାଯାଏ ।

## ମହମ:-

ପୁରୁଣା ଫେଣା କିମ୍ୱା ମହମ ସୁଲଭ ସଂକ୍ରମିତ ଫେଣାକୁ କୁ ବ୍ୟବହାର କରି ମହମ ପ୍ରସ୍ତୁତି କରାଯାଇ ପାରିବ । ୧ କି.ଗ୍ରା. ମହମ ର ମୂଲ୍ୟ- ୩୦୦ଟଙ୍କା । ମହମ କୁ ବିଭିନ୍ନ ପ୍ରସାଧନ ସାମଗ୍ରୀ, ଲିପ୍ଷ୍ଟିକ, ମଲମ ଓ ବିଭିନ୍ନ ପ୍ରକାର ପୋଲିଶ ରେ ବ୍ୟବହାର କରାଯାଏ ।

## ବିଭାଜିତ ଦଳ:-

ପ୍ରତ୍ୟେକ ବର୍ଷ ଆମେ ଗୋଟିଏ ମାଛି ଦଳରୁ ଗୋଟିଏ ଦୁଇଟା ଅଧିକା ଦଳ ପାଇପାରିବା । ଆମେ ଏହି ଦଳ ଦ୍ୱାରା ନିଜର ମହୁ ବ୍ୟବସାୟକୁ ବଢାଇପାରିବା କିମ୍ୱା ଏହି ଦଳ ଗୁଡିକୁ ଅନ୍ୟ ମହୁଚାଷୀଙ୍କୁ ବିକ୍ରି କରିପାରିବା (ଗୋଟିଏ ମାଛି ଦଳର ମୂଲ୍ୟ – ୮୦୦ଟଙ୍କା) । ଏତଦବ୍ୟତୀତ ଆମେ ପ୍ରୋପୋଲିସ, ରୋୟାଲ ଜେଲୀ, ପରାଗରେଣୁ, ମାଛିର ଦଂଶନ ବିଷ କୁ ବାହାର କରି ମଧ୍ୟ ବିକ୍ରି କରିପାରିବା ଯାହାର ଅନେକ ଔଷଧୀୟ ଗୁଣ ରହିଛି । ପରୋକ୍ଷଭାବରେ ଏହି ପରାଗସଙ୍ଗମକାରୀ ମହୁମାଛିମାନଙ୍କୁ ଆମେ ପରାଗସଙ୍ଗମରେ ନିଯୋଜିତ କରି ଅଧିକ ଗୁଣବତ୍ତାର ଓ ଅଧିକ ପରିମାଣର ଖାଦ୍ୟ ଉତ୍ପାଦନ କରିପାରିବା । ବିଭିନ୍ନ ଗବେଷଣା ରୁ ଜଣାପଡିଛି ଯେ ମହୁମାଛି ର ଉପସ୍ଥିତି ଓ ଏହାର ପରାଗସଂଗମ ଯୋଗୁଁ ସୋରିଷରେ ୧୦.୬ ପ୍ରତିଶତ, ରାଶି (୨୫ପ୍ରତିଶତ), ଅଳସୀ (୩୩ ପ୍ରତିଶତ) ଓ ସୂର୍ଯ୍ୟମୁଖୀରେ ୭୯ ପ୍ରତିଶତ ଅଧିକ ଉତ୍ପାଦନ ସହ ଏଥିରୁ ଅମଳ ଖାଦ୍ୟ ଶ୍ରେୟସ୍କର ରହିଥାଏ । ସ୍ୱଳ୍ପ ଅର୍ଥ ବିନିଯୋଗ, ଅବ୍ୟବହୃତ ସ୍ଥାନ, ସ୍ୱଳ୍ପ ସମୟ ଓ ପର୍ଯ୍ୟବେକ୍ଷଣ ଦ୍ୱାରା ମହୁ ଓ ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟର ବ୍ୟବସାୟ କରି ଅଧିକ ଖାଦ୍ୟ ଶସ୍ୟ ଅମଳର ସ୍ୱତନ୍ତ୍ର ପ୍ରକଳ୍ପ ହେଲା ମହୁଚାଷ ଓ ଏହା ଅତ୍ୟନ୍ତ ଲାଭଦାୟକ ।

କରୋନା ଭୂତାଣୁରେ ସଂକ୍ରମିତ ଜଟିଳ ପରିସ୍ଥିତରେ ଉତ୍ପିଡ଼ିତ ସାରା ମାନବ ସମାଜ । ବର୍ତ୍ତମାନ ତାଲାବନ୍ଦ ଚତୁର୍ଥ ପର୍ଯ୍ୟାୟ ରେ ଗତିକରୁଛି । ଏହି ସମୟରେ ସରକାରଙ୍କ ଦ୍ୱାରା ଆଦୃତ "ଆତ୍ମନିର୍ଭର ଭାରତ ଅଭିଯାନ" ଏକ ନୂତନ ଆଲୋକର ଆଭାସ । ଯଦିବା ସମସ୍ତ ଅର୍ଥନୈତିକ ବର୍ଗର ଜନତା କାରୋନା ଦ୍ୱାରା ବିପଦଗ୍ରସ୍ତ ତଥାପି, ନିମ୍ନ ଅର୍ଥନୈତିକ ବର୍ଗୀୟ ଜନସାଧାରଣ ତଥା ଆମ ଚାଷୀ ଭାଇ ମାନେ ଏହି କାରୋନା ଦ୍ୱାରା ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି ।

ଏହି ସଙ୍କଟାପର୍ଣ୍ଣ ସମୟରେ ସରକାରଙ୍କ ଦ୍ୱାରା ଆଦୃତ ଏହି ଅଭିଯାନ ନିଶ୍ଚିତ ରୂପେ ଚାଷୀ ଭାଇ ମାନଙ୍କ ପାଇଁ ଏକ ନୂଆ ଆଶା ର ଆଲୋକ । ଏହି ଅଭଯାନ ପରିପ୍ରେକ୍ଷୀରେ ସରକାର ଶିଳ୍ପାୟନ, ପଶୁପାଳନ, କ୍ଷୁଦ୍ର ଖାଦ୍ୟ ଶିଳ୍ପ, ମାଛ ଚାଷ, ଜାତୀୟ ପଶୁ ରୋଗ ନିରାକରଣ ଓ ମହୁଚାଷ ପ୍ରତି ବିଶେଷ ଦୃଷ୍ଟି ଆକର୍ଷଣ ରଖିଛନ୍ତି । ଏହି ଦୃଷ୍ଟିକୋଣରୁ ଏହା ବିଚାର କରାଯାଇପାରେ ଯେ :-ସରକାର ଏହି ଅଭିଯାନରେ ୫୦୦କୋଟି ଟଙ୍କାର ସ୍ୱତନ୍ତ୍ର ଅର୍ଥରାଶି ଦ୍ୱାରା ମହୁଚାଷର ଶିଳ୍ପାୟନ ତଥା ଉଦ୍ୟୋଗୀକରଣ, ମହୁଚାଷ ତଥା ପରିଚାଳନା ର ପ୍ରଶିକ୍ଷଣ, ମହୁ ଉତ୍ପାଦନ, ଆଦାୟ, ଓ ସଂରକ୍ଷଣ ତଥା ଏହାର ବ୍ୟବସାୟ ନିମନ୍ତେ ଉତ୍ତମ ବାଣିଜ୍ୟ ସେବାର ଅଭିଳାଷ ରଖିଛନ୍ତି । ସରକାର ଉତ୍ତମ ଭଣ୍ଡାର ଗୃହର ପ୍ରତିଷ୍ଠା କରି ଅଧିକ ପରିମାଣ ରେ ଉତ୍ପାଦିତ ମହୁର ଗୁଣବତ୍ତା କୁ ବହୁତ ଦିନ ପର୍ଯ୍ୟନ୍ତ ବଜାୟ ରଖିବା ପାଇଁ ଚେଷ୍ଟିତ । ଏହି ଯୋଜନାରେ ମାଛି ଦଳ ବିଭାଜକଙ୍କ ସଂଗଠନ ଓ ଉନ୍ନତମାନର ମାଛିଦଳର ସଂରକ୍ଷଣ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ । ଉନ୍ନତମାନର ମହୁ ଉତ୍ପାଦନ ଜରିଆରେ ସରକାର ଗରିବ ଚାଷୀଭାଇ, ବେରୋଜଗାରୀ ତଥା ମହିଳା ମାନଙ୍କୁ ମହୁଚାଷ ନିମନ୍ତେ ସଶକ୍ତିକରଣ କରାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ ଯୋଜନା ରଖିଛନ୍ତି । ଏହି ଅଭିଯାନରେ ସରକାର ନିମ୍ନବର୍ଗୀୟ ଜନସାଧାରଣ ଓ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇ ଉନ୍ନତମାନର ମହୁ ଉତ୍ପାଦନ ସହ ୨ ଲକ୍ଷ ମହୁଚାଷୀଙ୍କ ଆର୍ଥିକ ଅବସ୍ଥାରେ ସୁଧାର ଆଣିବାର ପରିକଳ୍ପନା କରିଛନ୍ତି ।

କିନ୍ତୁ, ମହୁଚାଷ ଏକ ସମୟ ଭିତ୍ତିକ ଚାଷ । ଏହା ଯେକୌଣସି ସ୍ଥାନ ଓ ଯେକୌଣସି ସମୟରେ କରାଯାଇପାରିବ ନାହିଁ । ମହୁଚାଷ ଆରମ୍ଭ କରିବାପାଇଁ ଜାନୁୟାରୀ ରୁ ମାର୍ଚ୍ଚ ମାସ ଉତ୍ତମ ଅଟେ । କିନ୍ତୁ ବର୍ତ୍ତମାନ ଆମେ ମେ ମାସ ଅନ୍ତିମ ଭାଗରେ । ସେଥିରେ ପୁଣି "ଅମ୍ଫାନ" ଘୁର୍ଣ୍ଣିଝଡ଼ର ଭୟ । ତେବେ ଏହି ଅଭିଯାନ ମହୁଚାଷ ନିମନ୍ତେ କେତେ ଦୂର ସଫଳଦାୟକ ଓ କେତେ ଶୀଘ୍ର ଆରମ୍ଭ ହୋଇପାରିବ ତାହା ବର୍ତ୍ତମାନ ପରିସ୍ଥିତିରେ ଆକଳନ କରିବା କଷ୍ଟକର । ତଥାପି, ଯଦି ଏହି ସମୟରେ ଯେକୌଣସି ମତେ ମହୁମାଛି ଦଳ ବିଭାଜନ କରି ଚାଷୀଭାଇମାନଙ୍କର ମହୁମାଛି ଦଂଶନ ପ୍ରତି ଥିବା ଭୟକୁ ଖଣ୍ଡନ କରି ଯଦି ସେମାନଙ୍କୁ ମହୁଚାଷର ଉତ୍ପାଦନ କ୍ଷମତା ଓ ଲାଭ ବିଷୟରେ ଅବଗତ କରାଇ ମହୁଚାଷ ନିମନ୍ତେ ରାଜି କରାଇପାରିଲେ, ତେବେ ଏହି ଅଭିଯାନ ନିଶ୍ଚିତ ଏକ "ସ୍ୱଦେଶୀ ମହୁ ପ୍ରକଳ୍ପ" ର ରୂପରେଖ ନିର୍ମାଣ କରିପାରିବ ।

# Agriculture News at a Glance



A Sweet Roof top Library in Krushi BhabwanIn the krushi bhabawn Odisha a rooftop library was inaugurated by chief advisor of our honourabl CM Mr R Balakrishnan. This great event was hosted by the Principal Secretary of the A&FE Department, Dr Arabinda Padhee. The Special Secretary, Agriculture, Director, Agriculture, and senior officers at the Krushi Vibhag were present. The chief advisor also appreciated this great initiative and congratulated them for future endeavours. He also spent a great session in the library besides explaining the value of reading books in our life.



## HOCKEY SHINES WITH MILLET CAFE

Millet, the crop which has numerous benefits and millet products in Odisha are evolving rapidly. Millet cultivation is increasing day by day. Recently millet Shakti cafe was provided with an opportunity to serve people in the hockey world cup matches being played in Odisha. This cafe is present in the Kalinga stadium to serve people with its product. This product in the cafe is going to explore the love for millets in people. Hope this cafe runs successfully. Millet Shakti cafe is running successfully in the Kalinga stadium and spreading the love for millet among the crowd. Recently Odisha is celebrating the Under the guidance of self-help group a new organisation named the swayam shardha mahila maha sangha group from nayapali Bhubaneswar started a new initiative by serving millet-based food products to people. As stated before the millet-based food product were given to people in the Kalinga stadium during the hockey match and it earned a profit up to 30000 per day. In nayapali Behera sahi this group is preparing the product and distributing it in the market. They are also earning a healthy profit per day. Commissionerate police also gave a thank you note to the people who are making this product and congratulated them for future.

## THE HELPING PHONE CALL

Recently the government of Odisha with various expertise officers has introduced a phone number which will be helpful for the farmers. Through this helpline number, a farmer can talk to the expert regarding sowing off seeds, which type of cultivation to go forward with, Fertilizer application, insect pest care, etc. They can also ask about aquaculture culture, Fish Farming and how to start various other enterprises So I request our beloved Farmers to call on this number 155333 and get the benefit.importance of millet in our life and the growth of millet in Odisha is also increasing. In context to this millet, Shakti cafe has introduced RAGI murukku in their cafe which is made from ragi and rice flour. This item has also the flavour of spices which is creating uniqueness in the taste. Hope all of you will enjoy it and get all the benefits from it.

## NEW VARIETY IN OUAT

According to the sources, The Odisha University of Agriculture and Technology has stated that they are going to market high-yielding seeds which are developed at the national level. The University has so far developed and released 171 various crop varieties which includes maize, sugarcane, etc. In the last week, it released suan 18.




## NEW BUDGET ON GREEN SECTOR

Today the Finance minister of India Smt Nirmala Sitharaman has declared the budget for various sectors. In context to this she has also mentioned India's economy has increased in recent years and it is becoming a world market. Now coming back to the agricultural sector she mentioned rupees 1,42,000 crore for the agricultural sector for the year 2023. For the farmers of our country, the government of India has planned to set up a small cooperative society which will be able to channelise the agricultural credit societies. The budget will help the small agri entrepreneur who are planning to set up a modern agricultural society. This scheme will strengthen the dairy, fishery, etc sector in the next five years. During the speech she has also mentioned that for the next 3 years, 1 crore farmers are going to adopt natural farming. Farmers will get the help of the public as they will provide them with the infrastructure for storage and farmers will get an adequate amount of income. During the speech she has introduced about millet which is termed as “SHRI ANNA” and she gave a brief description about how millet is very much essential for us and in Hyderabad, a millet institute will promote it through worldwide. Hope all this implementation will reach its mark and our agricultural sector is going to be upgraded in the next 5 years.

## SSNM – WITH A NEW VISION MKUY RISES

MukhyamantriKrushi Udyog Yojana (MKUY), the flagship initiative of the state government, is meant for encouraging capital investments in Agriculture and Allied sectors. Agri-entrepreneurs of Odisha can get this opportunity to avail of credit facilities from MKUY. Under this scheme, the main aim is to attract various investors to invest in the agricultural sector for the upliftment of the Agri sector and to produce better output yearly.

# RAGI-THE SUPER GRAIN

**Bidyadhar Maharana**
Consultant, Agriculture & NRM,
OPSL & RICOR

Globally, millets are the sixth most cultivated grains after corn, rice, wheat, barley, and sorghum. Endowed with adaptability to handicapped ecology, they are suited to drought conditions and have great natural biodiversity. They are one of the oldest foods known to humans and possibly the first cereal grain to be used for domestic purpose. These small grained cereals are also called as nutri-cereals and are available in different sub-species across India.

With the dominance of wheat and rice as staple grains , millets were pushed to marginal lands and marginalised communities in India for many years. According to ICRISAT, one rice plant requires nearly 2.5 times the amount of water required by a single millet plant of most varieties. That is why millets are primarily grown in arid regions of Asia, Africa and Latin America. Millets can also withstand higher temperatures. Due to this peculiar nature, they are termed as the “miracle grains” or the “crops of the future”. Ragi and other millets are $C_4$ plants having high potential for production, whereas rice and wheat are $C_3$ plants with low yield potential.

Millets with their low water and input requirement and highly nutritious nature can be cultivated under different ecosystems. As the year 2023 is being celebrated as the International Year of millets, it is important to wake up to the many health benefits of millets and include it in our daily diet. Apart from being an immunity booster, millets are also good for weight loss in a healthy way. Millets fight inflammation, improve bone health and slow muscle degradation. The millets are a powerhouse of antioxidants and micronutrients thereby improving the overall health. Millets truly have miracle powers and they work wonders on the mind and body of a person. As the world fights climate change, hunger and malnutrition, including millets in the daily diet could be the answer for the mankind. Millets improve immunity and helps to prevent infections and provides natural protection against many of the lifestyle diseases. Millets also help in regulating blood sugar levels and provide essential minerals to the body. Most of the millets are highly nutritious, non-glutinous, non-acid forming and easily digestible foods. Being gluten free, individuals suffering from celiac disease can easily incorporate various millets in their diets. Millet ingestion helps in a slower release of glucose over a longer period of time; thus, due to low glycaemic index (GI), their habitual intake reduces the risk of diabetes mellitus. Nutritionally superior to rice and wheat and no methane emissions unlike paddy and much less thermo-sensitive than wheat. Rich sources of minerals like iron, calcium, zinc, magnesium, phosphorous and potassium.

The millets commonly grown in India include bajara, jowar, ragi, porso millet, foxtail millet, kodo, kango, gulji etc. Ragi or finger millet is a known name when it comes to health and diet. Ragi is packed with ample health benefits such as enhancing digestion, slowing down aging, managing diabetes, reducing the risk of heart diseases, and many others. Ragi is a powerhouse of nutrients like iron, sodium, calcium, magnesium, and potassium. It definitely has more nutrients than wheat flour. Having packed with multiple benefits, Ragi which was mostly favoured by hard-working class people, is now becoming a much-consumed grain from the health point of view. Interestingly, Ragi proteins are said to be as complete as milk proteins, making it an ideal substitute for those who are lactose intolerant. Besides, its low glycemic index makes it suitable and beneficial for diabetics. Like all other millets, Ragi is gluten-free and it is preferable for those with gluten allergies. Ragi (Finger millet) is very rich in calcium; and bajra in iron. These also contain appreciable amounts of dietary fibre and various vitamins (β- Carotene, niacin, vitamin B6 and folic acid). Ragi is a good source of calcium and protein. It is a great alternative source of calcium and protein for pure vegetarian or those who follow vegan diet. Ragi or Finger millets are also a part of first solid foods that a baby is fed. It is good for your skin and hair health and is useful for preventing anaemia. The essential amino acids like L-lysine and L-proline in millets helps to form collagen in the body, a substance that gives structure to skin tissue and enhances the elasticity of the skin, making it less prone to wrinkles and Tryptophan in millets raises the serotonin level in the body, helping to reduce stress. Because of having a good amount of energy component, it is a popular food among those involved in hard labour and is also listed in diet plans. It is now termed as Super Food. Ragi and other millets are hardy crops and pest resistant. The can be cultivated in different types of soils with minimum nutrition.

Both state and central governments promote millet cultivation under Millet Mission and government of India has named it Shree Anna. The diversified food items prepared from millets have been accepted by all types of people. The MSP of millets is definitely higher than wheat and rice to attract the farmers to go for millet cultivation. The crop has been a boon for the farmers under climate change. Many new technologies like System of Millet Improvement and integrated nutrient management coupled with new varieties will take these crops to new heights. With increased awareness about the various benefits, it's high time to make millets an essential part of our diet. Without ado, let's bring millets back into our everyday dishes and explore new flavours and textures with millets.

## Supported By :-

JSW
Better Everyday

IG DRONES™

DSS

PPL
Paradeep Phosphates Limited

Agri-F
Odisha
Agri-Farm Odisha

SAPT KRISHI
CONNECTING AGRI-DOTS

YOUR REQUIREMENT OUR RESPONSIBILITY
CSM
GROUP

AGRISOUL
Way to inclusive growth in agri

# INSTITUTE OF AGRICULTURAL ENTREPRENEURSHIP

(Agriculture With a New Skill)

PAL Progress always in life

କୃଷି ଉଦ୍ୟୋଗ ପ୍ରତିଷ୍ଠାନ

(ଏକ ନୂତନ ଦକ୍ଷତା ସହିତ କୃଷି)

PAL CHARITY Together we can make Happiness

A UNIT OF
PAL CHARITY INDIA FOUNDATION

CIN: U85320OR2017NPL027372, PAN: AAJCP3227E, TAN: BBNP02590A, SECTION 8 LICENSE NUMBER: 109814, GST : 21AAJCP3227E1ZV
(CERTIFIED BY MINISTRY OF CORPORATE AFFAIRS, GOVT. OF INDIA)

ADDRESS : "SUSHRUSHA NILAYAM", GYAN MARG, NEAR GOVT. UPPER PRIMARY SCHOOL, AT : SIDHAKHANDI, PO : SIDHESWAR, VIA : BALIPADA, GP : KOTINADA, TEHSIL/PS. - DIGAPAHANDI, SUB-DIVISON : BRAHMAPUR, DIST : GANJAM, ODISHA, INDIA, PIN : 761054
CONTACT : +91 9582 9592 32, EMAIL ID : INFO@PAL.ORG.IN , WWW.PAL.ORG.IN




TM
Aqua Doctor Solutions
মাছের জগতের বিশ্বস্ত প্রতিষ্ঠান

